

ଟିପ୍ପଣୀ

# 33

# ଶ୍ରାବ୍ୟ ଓ ଚିତ୍ର-ଧ୍ୱନି ଅଭିଲେଖନ ଓ ପୁନରୁତ୍ପାଦନ ପାଇଁ କ୍ଷୁଦ୍ର ଡିସ୍କ୍

## (COMPACT DISC FOR AUDIO AND VIDEO RECORDING AND REPRODUCTION)

ପାଠ 32 ରେ ତୁମେ ଶିଖିଛ ଯେ - ମାଇକ୍ରୋଫୋନ ଓ ଭିଡ଼ିଓ କ୍ୟାମେରା ପରି ଯନ୍ତ୍ରରୁ ପ୍ରାପ୍ତ ବିଦ୍ୟୁତ ଶକ୍ତିର ଅବିଚ୍ଛିନ୍ନ ପରିବର୍ତ୍ତନ ରୂପେ ଅଡ଼ିଓ ଓ ଭିଡ଼ିଓ ରେକର୍ଡ଼ିଂ କରାଯାଏ । ଚୁମ୍ବକୀୟ ମାଧମରେ ରେକର୍ଡ଼ ହେଉଥିବା ଏହି ପରିବର୍ତ୍ତନ ହେଲା ଏନାଲୋଗ । ବିନୋଦନ ଦୁନିଆ ଏବେ ଡିଜିଟାଲ ହେଉଛି । ଉନ୍ନତ ଡିଜିଟାଲ ପ୍ରଯୁକ୍ତି ଏବେ ଧ୍ୱନି ପୁନରୁତ୍ପାଦନରେ ସମ୍ପୂର୍ଣ୍ଣ ବିଶ୍ୱସନୀୟତା ଓ ଟେଲିଭିଜନ ସେଟରେ ଉଚ୍ଚକୋଟୀର ଚିତ୍ର ପ୍ରଦର୍ଶନର ପ୍ରତିଶ୍ରୁତି ବହନ କରୁଛି । ଡିଜିଟାଲ ପ୍ରଯୁକ୍ତି ନିର୍ଭରଶୀଳ ବହୁ ସଂଖ୍ୟକ ଉତ୍ପାଦ ଯେମିତି କମ୍ପାକ୍ଟଡିସ୍କ୍ (CD), ଡିଜିଟାଲ ଅଡ଼ିଓ ଟେପ (DAT), ଡିଜିଟାଲ ଟେଲିଭିଜନ, ଡିଜିଟାଲ ଭାର୍ସାଟାଇଲ ଡିସ୍କ୍ (DVD) ଇତ୍ୟାଦିର ବିକାଶନ ହୋଇଛି ଓ ଏସବୁ ବଜାରରେ ମିଳୁଛି । ଜଣେ ପେଶାଦାର ଉଦ୍ୟୋକ୍ତା ଭାବେ ତୁମକୁ ନୂଆ ବିକାଶ ସହିତ ତାଳ ରଖି ଚାଲିବାକୁ ପଡ଼ିବ । ତେଣୁ ତୁମକୁ ଡିଜିଟାଲ ଉପରକଣ ସବୁର ରକ୍ଷଣାବେକ୍ଷଣ ଓ ବ୍ୟବହାର କରିବା ପାଇଁ ଯୋଗ୍ୟତା ଓ ଦକ୍ଷତା ଅର୍ଜନ କରିବାକୁ ହେବ ।

ଏହି ପାଠରେ, ତୁମେ ଅଡ଼ିଓ ଓ ଭିଡ଼ିଓ ରେକର୍ଡ଼ିଂ ପାଇଁ ବ୍ୟବହୃତ ହେଉଥିବା CD ଓ DVD ର ଗଠନ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ଶିଖିବ । ଏହି ଉପକରଣଗୁଡ଼ିକ ଆଲୋକ ପ୍ରତିଫଳନକାରୀ ପ୍ଲାଷ୍ଟିକ୍ ଉପରେ ଡିଜିଟାଲ ଭାବେ ସାଙ୍କେତିକ ଅକ୍ଷରରେ ଗୀତ ପ୍ରଭୃତି ଲେଖେ ବା encode କରେ । DVD ସାଧାରଣ CD ପରି ଦେଖିବାକୁ ହେଲେ ବି, ଏହା ଉଚ୍ଚକୋଟୀର ଗୀତ ଓ ଚିତ୍ର ଉଭୟ ପ୍ରଦର୍ଶିତ କରିପାରେ ।

## ଉଦ୍ଦେଶ୍ୟ

ଏହି ପାଠର ଅଧ୍ୟୟନ ପରେ ତୁମେ:

- ଉତ୍କୃଷ୍ଟ ଶ୍ରାବ୍ୟ ଓ ଚିତ୍ର-ଧ୍ୱନି ପ୍ରଦର୍ଶନ ପାଇଁ ବ୍ୟବହୃତ କମ୍ପାକ୍ଟ ଡିସ୍କର ଗୁଣାବଳୀ କହିପାରିବ ;
- କମ୍ପାକ୍ଟ ଡିସ୍କପ୍ଲେୟାର ଓ ଭିଡ଼ିଓ ଡିସ୍କ୍ ପ୍ଲେୟାରର ସୁବିଧା କ'ଣ ଦେଖାଇ ପାରିବ;
- କମ୍ପାକ୍ଟ ଡିସ୍କ ଓ ଡିଜିଟାଲ ଭାର୍ସାଟାଇଲ ଡିସ୍କର ଗଠନ ଓ କାର୍ଯ୍ୟ ପଦ୍ଧତି ବର୍ଣ୍ଣନା କରି ପାରିବ ।

## 33.1 କମ୍ପାକ୍ଟ ଡିସ୍କ୍ (Compact Disc)

ପୂର୍ବ ପାଠରେ ତୁମେ ଶିଖିଛ କିଭଳି ଶ୍ରାବ୍ୟ-ତଥ୍ୟ ରେକର୍ଡ଼ ପାଇଁ ଚୁମ୍ବକୀୟ ଟେପ ଓ LP ସବୁ ବ୍ୟବହାର କରାଯାଏ । ତୁମେ ଏସବୁର ଅସୁବିଧା କ'ଣ ତାହା ମଧ୍ୟ ଜାଣିଛ । ଏ ସବୁ ତ୍ରୁଟିର ପ୍ରତିକୂଳ ପ୍ରଭାବକୁ ଏଡ଼ାଇବା ପାଇଁ, ଆମେ କମ୍ପାକ୍ଟ ଡିସ୍କ୍ ନାମରେ ପରିଚିତ ଆଉ ଏକ ଉପକରଣ ବ୍ୟବହାର କରୁ । ତୁମେ

ଏବେ ଶିଖିବ ତଥ୍ୟ କିପରି ଏହି ଡିସ୍କରେ କୋଡ଼ିତ କରାଯାଏ ।

କମ୍ପାକ୍ଟ ଡିସ୍କ ହେଲା 12cm ବ୍ୟାସର ଏକ ଶକ୍ତ ପ୍ଲାଷ୍ଟିକ୍ ଥାଳିଆ । ଶ୍ରାବ୍ୟ-ତଥ୍ୟ ଡିଜିଟାଲ ଫର୍ମାଟରେ ଏଠି କୋଡ଼ିତ (coded) କରି, ଗଚ୍ଛିତ ରଖାଯାଏ । ପୂର୍ବରୁ ରେକର୍ଡ଼ ହୋଇଥିବା ତଥ୍ୟକୁ ପୁନର୍ବାଦନ ପାଇଁ ଏକ ବିଶେଷ ପ୍ରକାର ପ୍ଲେୟାରର ପ୍ରୟୋଜନ ହୁଏ । 1979 ରେ ଜୁପ ସିନ୍‌ଜ୍ୟୁ (Joop Sinjou) ଓ ତୋଷି ଟାଡ଼ା ଡୟ (Toshi Tada Doi) କମ୍ପାକ୍ଟଡିସ୍କ୍ ଉଦ୍ଭାବନ କରିଥିଲେ । LP କୁ ପ୍ରତିସ୍ଥାନିତ କରିବା ପାଇଁ CD କୁ 15 ବର୍ଷ ଲାଗିଲା । ଏବେ ବିଭିନ୍ନ ପ୍ରଜନ୍ମର କମ୍ପାକ୍ଟ ଡିସ୍କ୍ ମିଳୁଛି । ଆଲୋକୀୟ ଡିସ୍କ୍ (Optical disc) ହେଉଛି ସମତଳ, ବୃତ୍ତାକାର ବିଶିଷ୍ଟ ଏକ ପଲିକାର୍ବୋନେଟ୍ ଡିସ୍କ୍ ଯେଉଁଥିରେ ଡାଟା ସମତଳ-ପୃଷ୍ଠରେ ଖାଲ-ଢିପ ରୂପରେ ସଞ୍ଚିତ ଥାଏ, ସାଧାରଣତଃ ଡାଟା ରେକର୍ଡ଼ ହୋଇଥିବା ଡିସ୍କର ପୃଷ୍ଠତଳକୁ ଆବୃତ କରି ଗୋଟିଏ ଘରା ମଧ୍ୟରେ ରହିଥାଏ । ସାଧାରଣତଃ ଲେଜର ଆଲୋକ ବ୍ୟବହାର କରି ଏହି ଡାଟାର ପୁନରୁଦ୍ଧାର କରାଯାଏ ।

1979 ରେ, ଦୁଇଟି ବଡ଼ ଇଲେକଟ୍ରନିକ କମ୍ପାନି, ଡିଜିଟାଲ ଅଡ଼ିଓ ଡିସ୍କ୍ ବିକାଶ କରିବା ପାଇଁ ଗୋଟିଏ ସଂଗଠନ କଲେ, ଯାହା ଫଳରେ 1983 ରେ କମ୍ପାକ୍ଟ ଡିସ୍କର ଆବିର୍ଭାବ ହେଲା ।

ଯଦିଓ ଆଲୋକୀୟ ଡିସ୍କ୍ ଅଡ଼ିଓ / ଭିଡ଼ିଓ ଫର୍ମାଟ ତୁଳନାରେ ଅଧିକ ସ୍ଥାୟୀ, କିନ୍ତୁ ଏଗୁଡ଼ିକ ସବୁ ଦିନିଆ ବ୍ୟବହାର ଓ ପରିବେଶ ଜନିତ କ୍ଷୟକ୍ଷତି ପ୍ରବଣ ହୋଇଥାଏ । ଆଲୋକୀୟ ଡିସ୍କରେ ତଥ୍ୟ - ଭିତରତମ ଟ୍ରାକରୁ ବାହାରତମ ଟ୍ରାକ ଯାଏଁ ଗୋଟିଏ ଅବିଚ୍ଛିନ୍ନ ସର୍ପିଳ ଟ୍ରାକ୍ ବା ଘରାରେ ଅନୁକ୍ରମିକ ଭାବେ ସଞ୍ଚିତ ଥାଏ । କମ୍ପ୍ୟୁଟରର ଆଲୋକୀୟ ଡିସ୍କଡ୍ରାଇଭ୍ (ODD) କୁ ବ୍ୟବହାର କରି ଆଲୋକୀୟ ଡିସ୍କରେ ଲିଖନ ବା ପଠନ କରାଯାଏ ।

ପ୍ରଥମ ପ୍ରଜନ୍ମର ଆଲୋକୀୟ ଡିସ୍କକୁ ଗୀତ ଓ ସଫ୍ଟୱାର (Software) ସଞ୍ଚିତ କରିବା ପାଇଁ ବ୍ୟବହାର କରାଯାଉଥିଲା । ଲେଜ୍‌ର ଡିସ୍କ୍ ଫର୍ମାଟ ଏନାଲୋଗ ଭିଡ଼ିଓ ସଞ୍ଚିତ କରୁଥିବା ବେଳେ, ଡିଜିଟାଲ ଡାଟା ସଞ୍ଚୟ କରିବା ପାଇଁ ଅନ୍ୟ ଡିସ୍କ୍ ଫର୍ମାଟର ବିକାଶ କରାଗଲା ।

ପଠନ ଉପକରଣ ଏହି ଡିସ୍କରେ ଅବଲୋହିତ ଲେଜର ବ୍ୟବହାର କରାଗଲା । ଲେଜର ବିନ୍ଦୁର କ୍ଷୁଦ୍ରତମ ଆକାର ଲେଜର ତରଙ୍ଗ ଦୈର୍ଘ୍ୟର ସମାନୁପାତିକ । ତେଣୁ, ଡିସ୍କରେ ତଥ୍ୟର ଘନତ୍ୱକୁ ସୀମିତ କରିବା ପାଇଁ ତରଙ୍ଗ ଦୈର୍ଘ୍ୟ ଏକ କାରଣ । ଯଦିଓ କ୍ଷୁଦ୍ରତମ ବିନ୍ଦୁର ଆକାର ଛଡ଼ା ବି ଅନେକ କାରଣ ଘନତ୍ୱକୁ ପ୍ରଭାବିତ କରେ । ଉଦାହରଣ ସ୍ୱରୂପ, ଅବଲୋହିତ ତରଙ୍ଗ ବ୍ୟବହୃତ ବହୁ-ସ୍ତରୀୟ ଡିସ୍କରେ ଏକାପରି ଏକସ୍ତରୀୟ ଡିସ୍କ୍ ଅପେକ୍ଷା ଅଧିକ ତଥ୍ୟ ରହିପାରିବ ।

ଦ୍ୱିତୀୟ ପ୍ରଜନ୍ମର ଆଲୋକୀୟ ଡିସ୍କରେ ଅଧା ଡାଟା ରହିପାରେ । ଟିଭି ଗୁଣବତ୍ତାର ଡିଜିଟାଲ ଭିଡ଼ିଓ ମଧ୍ୟ ଏଥିରେ ରହିପାରେ । ଏହିପରି ଅଧିକାଂଶ ଡିସ୍କରେ ଦୃଶ୍ୟ ଆଲୋକ (ସାଧାରଣତ ନାଲି, ବ୍ୟବହୃତ ହୁଏ । ତୁମେ ଜାଣ, ଯେ କ୍ଷୁଦ୍ରତର ତରଙ୍ଗ ଦୈର୍ଘ୍ୟ ଅଧିକ ସୂକ୍ଷ୍ମ ରଶ୍ମିଗୁଚ୍ଛ ଯିବାର ବ୍ୟବସ୍ଥା କରି, ତେଣୁ ଡିସ୍କରେ ଖାଲ ଓ ଢିପଗୁଡ଼ିକ କ୍ଷୁଦ୍ରତର ହୋଇପାରେ । DVD ର ଏକ ସ୍ତରୀୟ, ଏକ ପାର୍ଶ୍ୱୀୟ ସାଧାରଣ 12cm ଡିସ୍କରେ 4.7 GB ଡାଟା ରହିବା ସମ୍ଭବ । ଏପରିକି ମିନିଡିସ୍କ୍ ଓ ଡାଟାପ୍ଲେୟଫର୍ମାଟ ପରି କ୍ଷୁଦ୍ରତର ମାଧ୍ୟମରେ ବି ଅଧିକ ବଡ଼ କମ୍ପାକ୍ଟ ଡିସ୍କ୍ ତୁଲ୍ୟ ଡାଟା ରହିପାରେ ।

ଆଲୋକୀୟ ଡିସ୍କ୍ ପାଇଁ ବ୍ୟବହୃତ କ୍ଷୁଦ୍ର ତରଙ୍ଗ ଦୈର୍ଘ୍ୟ ଯୁକ୍ତ ଦୃଶ୍ୟ ଆଲୋକ ଲେଜର ଏହାର ଧାରକତ୍ୱ ବଢାଇ ଦେଇଛି, ଫଳରେ ଅଧିକ ସୂକ୍ଷ୍ମ ଓ ସ୍ୱଷ୍ଟ (high - defimtion) ଭିଡ଼ିଓ ଡାଟା ଏଠି ରହିପାରେ । ବିକାଶ କରାଯାଉଥିବା ତୃତୀୟ ପ୍ରଜନ୍ମର ଡିସ୍କର ଧାରକତ୍ୱ ଏକ ଟେରାବାଇଟ୍ (terabyte) ରୁ ଅଧିକ ହେବ ।



ଟିପ୍ପଣୀ

ପ୍ରଚଳିତ LP ଓ ଚୁମ୍ବକୀୟ ଟେପରେ ଗୀତର ଗୁଣବତ୍ତାକୁ ଖରାପ କରୁଥିବା ସୁସୁ ଶବ୍ଦ, ତୀବ୍ର ଓ ଗୁଞ୍ଜନ ଶବ୍ଦକୁ କମ୍ପାକ୍ଟ ଡିସ୍କ ଦୂରୀଭୂତ କରିପାରେ । ସାଧାରଣ କ୍ୟାସେଟରେ ଟ୍ରାକରୁ ଟେପ ବାହାରି ଆସି ପ୍ଲେହେଡ୍ ଚାରିପଟେ ଅସୁବିଧା ଜନକ ପରିସ୍ଥିତି ସୃଷ୍ଟି କରୁଥିବା ସମସ୍ୟା ମଧ ଏଠାରେ ନ ଥାଏ । CD ବ୍ୟବସ୍ଥାରେ, ପ୍ଲେହେଡ୍ ଘୂର୍ଣ୍ଣାୟମାନ ଡିସ୍କକୁ ସ୍ପର୍ଶ କରୁ ନଥିବାରୁ କ୍ୟାସେଟ ତୁଳନାରେ CD ର ଜୀବନକାଳ ବହୁଗୁଣରେ ବଢ଼ିଥାଏ । CD ରେ ଗୀତ ହଜିଯିବାର ବା ପ୍ଲେୟାରରେ CD ଲାଖିଯିବାର ଭୟ ନ ଥାଏ । କମ୍ପାକ୍ଟ ଡିସ୍କରେ 1000 ତମ ପୁନର୍ବାଦନରେ ମଧ ଧ୍ୱନି ପ୍ରଥମ ବାଦନ ପରି ଶୁଭେ, ଯାହା LP ଓ ଟେପରେ କେବେ ସମ୍ଭବ ନୁହେଁ ।

**ପାଠଗତ ପ୍ରଶ୍ନାବଳୀ 33.1**

1. ଗୀତ ଶୁଣିବା ପାଇଁ ବ୍ୟବହୃତ ତିନୋଟି ଉପକରଣର ନାମ ଲେଖ ।

.............................................................................................................

2. କମ୍ପାକ୍ଟ ଡିସ୍କରେ କ'ଣ ଉପଲବ୍ଧ ହୁଏ ?

.............................................................................................................

3. କମ୍ପାକ୍ଟ ଡିସ୍କର ଦୁଇଟି ଅସୁବିଧା ଲେଖ ।

.............................................................................................................

### 33.1.1 କମ୍ପାକ୍ଟ ଡିସ୍କର ଗଠନ (Construction of Compact Disk)

ଚିତ୍ର 33.1 ରେ କମ୍ପାକ୍ଟ ଡିସ୍କର ପ୍ରସ୍ଥଚ୍ଛେଦ (Cross - Section) ଦର୍ଶାଯାଇଛି । ଡିସ୍କରେ ଏକ ସ୍ୱଚ୍ଛ ସୁରକ୍ଷାକାରୀ ପ୍ଲାଷ୍ଟିକ ଆବରଣ ଆଚ୍ଛାଦିତ ବାଷ୍ପିତ ଏଲୁମିନିୟମ ସ୍ତରର ପ୍ରତିଫଳକ ଥାଏ । କମ୍ପାକ୍ଟ ଡିସ୍କର ତଥ୍ୟ-ସ୍ତରଟି ଏକ ଆଲୋକୀୟ ସମତଳ ଦର୍ପଣ ସଦୃଶ ପୃଷ୍ଠତଳ, ଯେଉଁଠି ଅଣୁବୀକ୍ଷଣିକ, 'ଖାଲ' ଓ 'ଢିପ' ତିଆରି କରାଯାଇଥାଏ । ଡିସ୍କରେ ପାଞ୍ଚ କିଲୋମିଟରରୁ ଅଧିକ ଲମ୍ବର ସର୍ପିଳ ଟ୍ରାକରେ ଅନ୍ୟୁନ 3 ବିଲିୟନ ଖାଲ (Pit) ଥାଏ, ଓ ଏଥିରେ ପ୍ରାୟ ଏକ ଘଣ୍ଟାର ନିରବିଚ୍ଛିନ୍ନ ଗୀତ ରେକର୍ଡ଼ ହୋଇପାରେ ।




ଚିତ୍ର 33.1 : କମ୍ପାକ୍ଟ ଡିସ୍କ ର ପ୍ରସ୍ଥ-ଛେଦ

### 33.1.2 ଗଠନ (Structure)

ସୁରକ୍ଷାକାରୀ ପ୍ଲାଷ୍ଟିକ ଆବରଣ ଦ୍ୱାରା ସନ୍ନିବେଷ୍ଟିତ ହୋଇଥିବା CD ରେ ସିଲଭର-ଧାତବ ସ୍ତରରେ, ଲେଜର ବିମ୍ ସାହାଯ୍ୟରେ ଅଣୁବୀକ୍ଷଣିକ ଆକାରର ଗାତ (pits)ର ବକ୍ରାକାର ଟ୍ରାକ ଖୋଦନ କରାଯାଇଥାଏ । ଏହି

ବକ୍ରାକାର ଟ୍ରାକର ପିଚ୍ (pitch) 1.6mm ହୁଏ । ଚିତ୍ର 33.2 ରେ ଏକ ପ୍ରଚଳିତ LP ରେକର୍ଡର ଘରା (grooves) ସହିତ କମ୍ପାକ୍ଟ ଡିସ୍କର ଗାଡ଼ର ତୁଳନା ଦର୍ଶାଯାଇଛି ।




(a)




**ଚିତ୍ର 33.2 : ଘରାର ତୁଳନା (a) ପ୍ରଚଳିତ LP ରେକର୍ଡ୍ ଓ (b) CD ର ଗାଡ଼**




**ଚିତ୍ର 33.3 : କମ୍ପାକ୍ଟ ଡିସ୍କ ଟ୍ରାକ୍‌ର ବର୍ଦ୍ଧିତ ଦୃଶ୍ୟ**

ଚିତ୍ର 33.3 ରେ କମ୍ପାକ୍ଟ ଡିସ୍କର ବର୍ଦ୍ଧିତ ଚିତ୍ର ଦର୍ଶାଯାଇଛି । ଡିସ୍କର ଭିତରୁ ବାହାର ଯାଏଁ ନିରବଛିନ୍ନ ବକ୍ରାକାର ରେଖା ରୂପରେ ହଜାର ହଜାର ସର୍ପିଳ 'ଟ୍ରାକ୍' (tracks)ରେ ଏହା ତିଆରି ହୋଇଛି । ଟ୍ରାକଗୁଡ଼ିକ ଘରା





(grooves) ପରି । ମାତ୍ର CD ଟ୍ରାକ ଡିସ୍କ ବସ୍ତୁରେ କ୍ଷୁଦ୍ରଗାଡ଼ (indentations) ଦ୍ୱାରା ତିଆରି । ଏହି ଗାଡ଼ର ପ୍ରସ୍ଥ 0.4 ରୁ 0.5mm (ମାଇକ୍ରୋମିଟର) ଓ ଗଭୀରତା 0.1mm । ଟ୍ରାକ ମଧ୍ୟବର୍ତ୍ତୀ ଦୂରତାକୁ ସ୍ଥିର ରଖାଯାଏ ଓ ଏହାର ମାନ 1.6mm । ଏହାକୁ ଟ୍ରାକପିଚ୍ (trackpitch) କୁହାଯାଏ । ଗାଡ଼ ଓ ଗାଡ଼ ମଧ୍ୟବର୍ତ୍ତୀ ସମତଳ (flats)ର ସମନ୍ୱୟକୁ ଡିଜିଟାଲଭାବେ ରେକର୍ଡ଼ ହୋଇଥିବା ତଥ୍ୟକୁ ପୁନରୁତ୍ପାଦନ ପାଇଁ ବ୍ୟବହାର କରାଯାଏ । ବାମ ଓ ଡାହାଣ ଚ୍ୟାନେଲ ଦୁଇ ସେଟ ତଥ୍ୟ କମ୍ପାକ୍ଟ ଡିସ୍କ୍ ଉପରେ ଏକ ପରେ ଏକ ବିନ୍ୟସ୍ତ ହୋଇଥାଏ । ଦୁଇ ସେଟ ତଥ୍ୟ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟର ଅନ୍ତର ଥାଏ । CD ର ବକ୍ରାକାର ଟ୍ରାକର ଦୈର୍ଘ୍ୟ ପ୍ରାୟ 6km ଓ ପୂର୍ଣ୍ଣ ଡାଟା ଧାରକତ୍ୱ ପ୍ରାୟ 780MB (ମେଗା ବାଇଟସ୍) । ପ୍ରକୃତରେ, CD ଧାରକତ୍ୱର ଏକ ତୃତୀୟାଂଶ କେବଳ ଡିଜିଟାଲ ଧ୍ୱନି ରଖିବା ପାଇଁ ବ୍ୟବହୃତ ହୁଏ; ବାକି ଅଂଶରେ ତ୍ରୁଟି ସଂଶୋଧନ, ସବ୍‌କୋଡ଼, ଇଣ୍ଟରଡାଇସିଂ (innterdising), ପ୍ୟାରିଟି ଚେକ୍ (parity check), ତୁଲ୍ୟକାଳନ ଓ ବିଶଦ ଅନୁକ୍ରମଣିକା (index) ଯାହା ଡିସ୍କରେ ଟ୍ରାକ୍‌ର ସଂଖ୍ୟା ଓ ସ୍ଥାନ ଦେଇଥାଏ) ରଖାଯାଇଥାଏ ।

ଗୀତର ପ୍ରତ୍ୟେକ ସେକେଣ୍ଡ ପାଇଁ 2,861,800 ବିଟ (bits) ବିଶିଷ୍ଟ ଅଶ୍ରୁତ ତଥ୍ୟର ସଂସାଧନ (process) କରାଯାଏ - ଅର୍ଥାତ୍ ପ୍ରତି ଘଣ୍ଟାଏ ଗୀତ ପାଇଁ 10,301,500,000 ବିଟ୍ ଦରକାର ହୁଏ । ଗୋଟିଏ କମ୍ପାକ୍ଟ ଡିସ୍କ୍‌ରେ ପ୍ରାୟ 20 ବିଲିୟନ ବିଟ୍ ବା ବାସ୍ତବରେ 19,919,878,200 ବିଟ୍ ଥାଇ ପାରେ ।

**33.1.3 CD ର ଆକୃତି, ଆକାର ଓ ପ୍ରକାର (Shape, Size and Types of CD)**

ସାଧାରଣରେ ବ୍ୟବହୃତ CD ର ବ୍ୟାସ 120mm । ଏହାର ଅଡ଼ିଓ ବା ଶ୍ରାବ୍ୟ ଧାରକତ୍ୱ 74 ବା 80 ମିନିଟ ଓ ଡାଟା ଧାରକତ୍ୱ 650 ଅଥବା 700MB । ବିଭିନ୍ନ ଆକୃତି ଓ ଆକାରର CD ମଧ୍ୟ ମିଳେ । 'ବ୍ୟବସାୟ କାର୍ଡ଼' (business card) CD ଯାହା ପ୍ରକୃତ ବ୍ୟବସାୟ କାର୍ଡ଼ ପରି ଦିଶେ - ଏକ ସାଧାରଣ ଉଦାହରଣ ।

ତୁମେ ଜାଣ ଯେ, ଗ୍ରାମୋଫୋନର ଏକ ବିବର୍ତ୍ତିତ ରୂପରେ CD ଡାଟା ସଞ୍ଚୟର ଏକ ମାଧ୍ୟମରେ ପରିଣତ ହେଲା । ଡାଟା ସଂରକ୍ଷଣ ପାଇଁ ଆବଶ୍ୟକ ପ୍ରଯୁକ୍ତିକୁ ଉପଯୁକ୍ତ କରାଗଲା । ଏହି ଉପକରଣକୁ CD - ROM କୁହାଗଲା । ପ୍ରୟୋଗ ଓ ରେକର୍ଡ଼ିଂ ପ୍ରଯୁକ୍ତି ଉପରେ ନିର୍ଭର କରି CD ର ବିଭିନ୍ନ ନାମ ଅଛି । ଏଗୁଡ଼ିକ ମଧ୍ୟରୁ କେତେକର ବର୍ଣ୍ଣନା ନିମ୍ନରେ ଦିଆଯିବ ।

**(i) ଶ୍ରାବ୍ୟ CD (Audio CD)**

ଶ୍ରାବ୍ୟ CD କୁ କମ୍ପାକ୍ଟ ଡିସ୍କ୍ ଡିଜିଟାଲ ଅଡ଼ିଓ (CDDA) ମଧ୍ୟ କୁହାଯାଏ । ଫର୍ମାଟ ହେଲା ଦ୍ୱି-ଚ୍ୟାନେଲ 16 ବିଟ PCM କୋଡ଼ିତ ଅଡ଼ିଓ - ଯା'ର ପ୍ରତିଚୟନ ହାର (Sampling rate) ହେଉଛି 44-1KH । ଶ୍ରାବ୍ୟ ଆବୃତ୍ତି ବିସ୍ତାରର ପୂର୍ଣ୍ଣ ପୁନରୁତ୍ପାଦନ ପାଇଁ ଉପଯୁକ୍ତ ପ୍ରତିଚୟନ ହାର ସ୍ଥିର କରାଯାଏ । CDDA ମାନକକୁ ରେଡବୁକ ମାନକ (Red Book Standard) କୁହାଯାଏ ।

120mm ବ୍ୟାସର ଡିସ୍କ୍ 74- ମିନିଟର ବାଦନ ସମୟ ଦିଏ, ଯାହା LP ଭିନାଇଲ ରେକର୍ଡ଼ର ପ୍ରତି ପାର୍ଶ୍ୱରେ ସମ୍ଭବ ହେଉଥିବା ସମୟ ଅପେକ୍ଷା ଯଥେଷ୍ଟ ଅଧିକ । ଏହି ଉପକରଣର କ୍ରମବୀକ୍ଷଣ ବେଗ 1.2-1.4ms$^{-1}$ ଓ ଏହା ଡିସ୍କ୍ ଭିତରେ ପ୍ରାୟ 500rpm ଓ ଡିସ୍କ୍ ର ବାହାର ଧାରରେ ପ୍ରାୟ 200rpm ସହିତ ସମାନ । ଆରମ୍ଭରୁ ଶେଷ ଯାଏଁ ପୁନର୍ବାଦନ ବେଳେ ଡିସ୍କ୍ ଧୀର ହୋଇଯାଏ ।1.2ms$^{-1}$ କ୍ରମବୀକ୍ଷଣ ବେଗରେ ପୁନର୍ବାଦନ ସମୟ ଥାଏ 74 ମିନିଟ, ବା CD-ROM ରେ ପ୍ରାୟ 650MB ଡାଟା । ଏପରିକି ଅଧିକ ଧାରକତ୍ୱ (99 ମିନିଟ ପର୍ଯ୍ୟନ୍ତ) ଥିବା ଅ-ମାନକ ଡିସ୍କ୍ ମଧ୍ୟ ଉପଲବ୍ଧ ହେଉଛି । କିନ୍ତୁ ଟ୍ରାକ୍‌ର ଅଧିକ ଗହଳି ସୁସଂଗତି ((Compatibility) କୁ କମାଇ ଦିଏ ।

**(ii) CD + ଗ୍ରାଫିକ୍ସ (CD+ Graphics)**

କମ୍ପ୍ୟୁଟର ଡିସ୍କ ଯୁକ୍ତ ଗ୍ରାଫିକ୍ସ (CD + G) ଏକ ବିଶେଷ ଅଡ଼ିଓ CD, ଯେଉଁଥିରେ ଅଡ଼ିଓ ଡାଟା ସହିତ ଗ୍ରାଫିକ ଡାଟା ଥାଏ । ଏକ ନିୟମିତ ଅଡ଼ିଓ CD ପ୍ଲେୟାରରେ ଡିସ୍କକୁ ଚଲାଇ ହୁଏ କିନ୍ତୁ ଗ୍ରାଫିକ୍ ଆଉଟପୁଟ କେବଳ TV - ଅଭିଗ୍ରାହୀ ବା କମ୍ପୁଟର ମନିଟର ସହିତ ଯୁକ୍ତ ବିଶେଷ CD + G ପ୍ଲେୟାରରୁ ମିଳେ । ଏହି ଗ୍ରାଫିକ 'କାରାଓକେ' (Karaoke) ଗାୟକମାନଙ୍କ ଗୀତ ପ୍ରଦର୍ଶନ ପାଇଁ ବ୍ୟବହୃତ ହୁଏ ।

**(iii) କମ୍ପାକ୍ଟ ଡିସ୍କ (CD - Rom)**

ପ୍ରାରମ୍ଭ କାଳରେ ସମ୍ପୂର୍ଣ୍ଣ ଅଡ଼ିଓ ଫର୍ମାଟ ଥିଲା । ମାତ୍ର, 1985 ରେ, CD - ROM ର ଆବିର୍ଭାବ ହେଲା, ଯାହା କମ୍ପ୍ୟୁଟର ଡାଟା ସଂରକ୍ଷଣ ମାଧ୍ୟମରେ ପରିଣତ ହେଲା । କମ୍ପ୍ୟୁଟରର CD - ROM ଡ୍ରାଇଭ ଦ୍ୱାରା ପଠିତ ଅଡ଼ିଓ କମ୍ପାକ୍ଟ ଡିସ୍କର ଫର୍ମାଟ ଏଥିରେ ବ୍ୟବହୃତ ହେଲା ।

**(iv) ଭିଡ଼ିଓ CD (Video CD)**

ଭିଡିଓ CD (VCD) ହେଲା CD ରେ ଭିଡ଼ିଓ ରେକର୍ଡିଂ ପାଇଁ ଏକ ମାନକ ଡିଜିଟାଲ ଫର୍ମାଟ । VCD ପ୍ଲେୟାର, DVD ଭିଡ଼ିଓ ପ୍ଲେୟାର ଓ କିଛି ଭିଡ଼ିଓ ଖେଳରେ ମଧ୍ୟ VCD କୁ ଚଳାଇ ହୁଏ । VCD ମାନକକୁ 'ହ୍ୱାଇଟ ବୁକ୍ ମାନକ (White Book Standard) କୁହାଯାଏ । ମୋଟ ଉପରେ ଚିତ୍ରର ଗୁଣ VHS ଭିଡ଼ିଓ ସହିତ ତୁଳନୀୟ କିନ୍ତୁ VCD ରେ ଅତ୍ୟଧିକ ସଙ୍କୁଚିତ ଭିଡ଼ିଓ, VHS ଭିଡ଼ିଓଠୁ କମ ଭଲ ।

ମାନକ CD ରେ ଉଚ୍ଚକୋଟୀର ଭିଡ଼ିଓ ସଂରକ୍ଷଣ ପାଇଁ ସୁପର ଭିଡ଼ିଓ CD (Super Video Compact Disc ବା SVCD) ଫର୍ମାଟ ବ୍ୟବହୃତ ହୁଏ । ଗୋଟିଏ ରେକର୍ଡ଼ ହୋଇ ପାରୁଥିବା CD (CD - Rdisc) ପ୍ରାୟ ଏକ ଘଣ୍ଟା ଅବଧିର SVCD ଫର୍ମାଟ ଭିଡ଼ିଓ ରଖି ପାରେ ।

**(v) ଫଟୋ CD (Photo CD)**

ନାଁରୁ ଜଣା ପଡୁଛି ଯେ, ଫଟୋକୁ ଡିଜିଟାଲକରି CD ରେ ସଂରକ୍ଷଣ ପାଇଁ ଫଟୋ CD ଫର୍ମାଟ ବ୍ୟବହାର କରାଯାଏ । ଏହି ସବୁ ଡିସ୍କରେ ବିଶେଷ ସ୍ୱତ୍ୱାଧିକାର କୋଡ଼ିତ କରି ପ୍ରାୟ 100 ଟି ଉଚ୍ଚକୋଟୀର ପ୍ରତିବିମ୍ବ, କ୍ରମବୀକ୍ଷଣ ହୋଇଥିବା ପ୍ରିଣ୍ଟ ଓ ସ୍ଲାଇଡ଼ ରଖାଯାଇପାରେ । ଏହି CD ଗୁଡ଼ିକ CD-i ପ୍ଲେୟାର, ଫଟୋ CD ପ୍ଲେୟାର ଓ ଉପଯୁକ୍ତ ସଫ୍ଟୱେର ଥିବା ଯେକୌଣସି କମ୍ପ୍ୟୁଟରରେ ପ୍ଲେ କରାଯାଇପାରେ । ଏକ ବିଶେଷ ଯନ୍ତ୍ର ସାହାଯ୍ୟରେ ଫଟୋଗ୍ରାଫିକ କାଗଜରେ ପ୍ରିଣ୍ଟ ନିଆଯାଇପାରେ ।

ଏବେ କମ୍ପାକ୍ଟ ଡିସ୍କ ବ୍ୟବହାର କରି ଅଡ଼ିଓ / ଭିଡ଼ିଓ ରେକର୍ଡିଂ ଓ ପ୍ଲେବାକ୍ (Play back) ରେ ଜଡ଼ିତ ପ୍ରଯୁକ୍ତି ବିଷୟରେ ଜାଣିବା ଆସ ।

**33.1.4 ଏନାଲୋଗ ଓ ଡିଜିଟାଲ ରେକର୍ଡିଂ (Analog and digital recording)**

ତୁମେ ଜାଣ ଯେ ଏନାଲୋଗ ଓ ଡିଜିଟାଲ ଦୁଇ ଉପାୟରେ ଧ୍ୱନି / ଅଡ଼ିଓ ରେକର୍ଡ଼ / ଡିସ୍କରେ ରେକର୍ଡ଼ କରାଯାଇପାରେ । ଟେପ୍ ଓ LP ରେକର୍ଡ଼ ସମେତ ସବୁ ପ୍ରଚଳିତ ଗୀତର ପୁନରୁତ୍ପାଦନ ବ୍ୟବସ୍ଥାଗୁଡ଼ିକ ହେଲା ଏନାଲୋଗ ସଂରକ୍ଷଣ ଓ ପୁନରୁଦ୍ଧାର ବ୍ୟବସ୍ଥା । ଏନାଲୋଗ ସଂକେତକୁ ବିଦ୍ୟୁତ (ଶକ୍ତି) ର ନିରବଚ୍ଛିନ୍ନ ପ୍ରବାହ ରୂପେ ପ୍ରକାଶ କରାଯାଏ, ଯାହା ପ୍ରାୟତଃ ସଂକେତ ସ୍ଥିତ ତଥ୍ୟର ବୈଦ୍ୟୁତିକ 'ପ୍ରତିଲିପି' ରୂପେ କାର୍ଯ୍ୟ କରିଥାଏ । ଏପରିକି ବକ୍ତା ଉତ୍ପନ୍ନ କରୁଥିବା ଧ୍ୱନି ଓ ଏହାକୁ ଗ୍ରହଣ କରୁଥିବା ମଣିଷର କାନ ଉଭୟ ଏନାଲୋଗ । ବସ୍ତୁତଃ, ଏନାଲୋଗ ସଂକେତ ବାହାର ବାଧା ଓ ବିରୂପଣରେ କ୍ଷତିଗ୍ରସ୍ତ ହୋଇପାରେ, ତେଣୁ ବହନ କରୁଥିବା ତଥ୍ୟକୁ ଠିକ୍ ଭାବେ ପ୍ରକାଶ କରିପାରେ ନାହିଁ । ସେଥିପାଇଁ ଏହା 'ରବଯୁକ୍ତ' (noisy) ।

ଡିଜିଟାଲ ଫର୍ମାଟରେ, ଗୋଟିଏ ପରେ ଆଉ ଗୋଟିଏ ବିଟ୍‌କୁ ବିନ୍ୟସ୍ତ କରି 'ଅନ' ଓ 'ଅଫ' (1 ଓ 0) ରୂପରେ ସଂକେତ ଗୋଟିଏ ତାର ପରି ବିନ୍ୟସ୍ତ ହୋଇଥାଏ ।

କମ୍ପାକ୍ଟ ଡିସ୍କରେ 16 ବିଟ୍‌ର ଡିଜିଟାଲ ଫର୍ମାଟ ରୂପରେ ଅଡ଼ିଓ ସଞ୍ଚିତ ହୋଇଥାଏ । ତୁମେ ପୂର୍ବ ପାଠରେ ଧ୍ୱନି ତରଙ୍ଗକୁ ବୈଦ୍ୟୁତିକ ସଂକେତରେ ରୂପାନ୍ତରଣ ପ୍ରକ୍ରିୟା ସମ୍ବନ୍ଧରେ ପଢ଼ିଛ । ତରଙ୍ଗରୂପୀ ଧ୍ୱନିର ଏକ ସ୍ଥାୟୀ ଭୌତରୂପ ଭାବେ ରେକର୍ଡ଼ ଘରାରେ, ତରଙ୍ଗଣ (undulations) ବା ଅସ୍ଥିରତା (wiggles) ସୃଷ୍ଟି କରିବା ପାଇଁ ଏହି ବୈଦ୍ୟୁତିକ ଏନାଲୋଗ ବ୍ୟବହାର କରାଯାଏ । ଅସ୍ଥିରତା ପାର୍ଶ୍ୱରୁ ପାର୍ଶ୍ୱ ଭିତରେ ବାରଂବାର ଗତିର କାରଣ ହୁଏ ଓ ତରଙ୍ଗଣ ଏକାନ୍ତର ଭାବେ ଉପର ଓ ତଳକୁ ବା ଭିତର ଓ ବାହାରକୁ ଗତି କରେ ।

ଚିତ୍ର 33.4 ରେ ଦର୍ଶାଯାଇଛି କିପରି ଏକ ମସୃଣ (ନିରବଚ୍ଛିନ୍ନ) ବୈଦ୍ୟୁତିକ ଏନାଲୋଗ ତରଙ୍ଗ ରୂପକୁ ଦ୍ୱୟୀ ସଙ୍କେତ 1 ଓ 0 ର ଶ୍ରେଣୀରେ ରୂପାନ୍ତରିତ କରାଯାଏ । ଯଦି ତରଙ୍ଗର ଯେ କୌଣସି ବିନ୍ଦୁରେ ବିଭବ ମପାଯାଏ ଓ ଏହା 6V ହୁଏ, ତେବେ ଏହାକୁ ଦ୍ୱୟୀ (binary) ଅଙ୍କ 110 ରେ କୋଡ଼ିତ କରାହେବ, 3V, 011 ଓ 5V 101 ଓ ଏଭଳି ରୂପେ କୋଡ଼ିତ କରାଯିବ । ଏହି ଉଦାହରଣ ପ୍ରତ୍ୟେକ କ୍ଷେତ୍ରରେ ତିନୋଟି ଦ୍ୱୟୀଅଙ୍କ 'ବିଟ୍' ବ୍ୟବହାର କରାଯାଇଛି, ଯାହା ସମ୍ଭାବ୍ୟ ମାନର ଏକ କ୍ଷୁଦ୍ର ପରିସର ସୂଚାଏ ।




**ଚିତ୍ର 33.4 'ପିଟ୍' ଓ 'ଫ୍ଲାଟ୍'ର ଟ୍ରାକ**

ପରିମାପର ସଠିକତାକୁ ବଢ଼ାଇବା ପାଇଁ ପ୍ରତ୍ୟେକ ନମୁନାକୁ ଅଧିକ 'ବିଟ୍' ଦ୍ୱାରା କୋଡ଼ିତ କରାଯାଏ । ତେଣୁ, ତୁମ ପାଖେ ଯେତେବେଳେ ଅଡ଼ିଓ ସଂକେତ ଡିଜିଟାଲ ରୂପରେ ଥାଏ, ତା'ର ଆଉଟ୍‌ପୁଟ୍‌ରୁ 'ଶୂନ' ଓ 'ଏକ' ର ସ୍ରୋତ, ପ୍ରତି ସେକେଣ୍ଡରେ 1.4112 ମିଲିୟନ ବିଟ୍ ହାରରେ ନିର୍ଗତ ହୁଏ । ସ୍ଥାୟୀ ଭାବେ ଏତେ ପରିମାଣରେ ତଥ୍ୟକୁ ସଂରକ୍ଷଣ କରିବା ସହଜ କାର୍ଯ୍ୟ ନୁହେଁ । କମ୍ପାକ୍ଟ ଡିସ୍କରେ, ପ୍ରତ୍ୟେକ ନମୁନା 16 ବିଟ କୋଡ଼ / ସୂତ୍ର ରୂପରେ ଥାଏ, ଯାହାର ସମ୍ଭାବ୍ୟ ମାନ ହେଉଛି 65, 536 ($2^{16}$ –2 ର ଘାତ 16) । ଅନ୍ୟଭାବେ କହିଲେ, ପ୍ରତ୍ୟେକ ନମୁନା 65,536 ରେ 1 ଭାଗ ସଠିକତାରେ କ୍ୱାଣ୍ଟିତ ହୋଇଥାଏ – ଏହାର ପ୍ରତିଚୟନ ହାର ସେକେଣ୍ଡରେ 44,100 ଥାଏ । ଏହା ଏନାଲୋଗରୁ ଡିଜିଟାଲ ରୂପାନ୍ତରକକୁ ଅଡ଼ିଓ ତରଙ୍ଗ ରୂପର ଲେଖ ଚିତ୍ର ଆଙ୍କିବା ପାଇଁ ସକ୍ଷମ କରାଏ ।

LP ରେକର୍ଡ଼ ତୁଳନାରେ ଡିଜିଟାଲ ରେକର୍ଡ଼ିଂ ପ୍ରଯୁକ୍ତିରେ ଖୁବ୍ କମ୍ ସଂନାଦୀ (harmonic) ଓ ଆନ୍ତଃ-ମୂର୍ଚ୍ଛନା (inter modulation) ବିକୃତି ଥାଏ । CD ପ୍ଲେୟାରରେ କୌଣସି ଶବ୍ଦ ଓ ଆଲୋଡ଼ନ ପ୍ରାୟ ନ ଥାଏ । ଡିଜିଟାଲ ରେକର୍ଡ଼ିଂରେ ଗୋଟିଏ ସବୁଧା ଖୁବ ସ୍ୱାଭାବିକ ଭାବେ ହୁଏ; ତାହା ହେଲା ଏଥିରେ ଅତିରିକ୍ତ ତଥ୍ୟକୁ ପୂରେଇ ହୁଏ ଓ ମୂଳ ତଥ୍ୟକୁ ପ୍ରଭାବିତ ନ କରି ଏହାର ପରିବର୍ତ୍ତନ ମଧ୍ୟ କରାଯାଇ ପାରେ ।

## 33.2 କମ୍ପାକ୍ଟ ଡିସ୍କ (CD) ପ୍ଲେୟାର (Compact Disc (CD) Player)

ଫୋନୋଗ୍ରାଫ ଓ CD ପ୍ଲେୟାର ମଧ୍ୟରେ ଏକ ମୂଳ ପ୍ରଭେଦ ଏହାର ଉଦ୍‌ଗ୍ରାହୀ (pickup) ପଦ୍ଧତିରେ ନିହିତ । ଫୋନୋଗ୍ରାଫ ରେକର୍ଡ଼କୁ ରେକର୍ଡ଼ ଉପରେ ଏକ ଛୁଞ୍ଚି ଚଳାଇ ପ୍ଲେ କରାଯାଏ, ଓ ରେକର୍ଡ଼ଟି 45rpm ରେ ବୁଲୁଥାଏ । ରେକର୍ଡ଼ର ଆରମ୍ଭ ହୁଏ ତା'ର ବାହାର ଧାରରୁ ଓ ଗୀତ ବାଜିବା ସହିତ ଛୁଞ୍ଚି ଭିତର ପଟକୁ

ଟିପ୍ପଣୀ

ଟିପ୍ପଣୀ

ଆସେ । କମ୍ପାକ୍ଟ ଡିସ୍କ କିନ୍ତୁ ଲେଜର ବିମରୁ ଆଗତ ଆଲୋକ ଦ୍ୱାରା ଭିତର ପଟୁ ବାଜେ । CDର ଆରମ୍ଭ ଏହାର କେନ୍ଦ୍ରରୁ ହୁଏ । ପ୍ରୋଗ୍ରାମ ଆଗେଇବା ସହିତ ଆଲୋକ ରଶ୍ମି ବାହାରପଟକୁ ଗତି କରେ । CD ପ୍ଲେୟାର ଅଡ଼ିଓ ସଂକେତକୁ ଅତି ସଠିକଭାବେ ପୁନରୁତ୍ପାଦନ କରେ । ଏହା ଡିସ୍କ ଓ ସଂକେତ ଉଠାଣ ବ୍ୟବସ୍ଥା ମଧ୍ୟରେ କୌଣସି ଭୌତ ସଂଯୋଗ ବ୍ୟତିରେକେ ଲେଜର ଆଲୋକ ପଠନ ପଦ୍ଧତି ବ୍ୟବହାର କରି ଡିସ୍କରୁ ସଂକେତ ତଥ୍ୟ ବାହାର କରେ । CD ରେ ସଂରକ୍ଷିତ ଅଡ଼ିଓ ସଂକେତ ଉଚ୍ଚ ଘନତ୍ୱ ବିଶିଷ୍ଟ ଡିଜିଟାଲ ଫର୍ମାଟରେ ଥାଏ ।

ଆଲୋକୀୟ ପଠନ ବ୍ୟବସ୍ଥା ଲେଜରବିମ୍ ବ୍ୟବହାର କରେ । Light amplification by Stimulated Emission of Radiation – ଏହି ଶବ୍ଦ ଗୁଚ୍ଛର ପ୍ରତ୍ୟେକ ଶବ୍ଦର ଆଦ୍ୟାକ୍ଷର ଦେଇ ଗଠିତ ଲେଜର (laser) ହେଲା ଏକ ବିଶେଷ ଆଲୋକ ଉତ୍ସ ଯାହା ଏକ ରଙ୍ଗୀ ସୁସଂହତ ଆଲୋକର ତୀବ୍ର ସରୁ ରଶ୍ମିଗୁଚ୍ଛ (beam) ଉତ୍ପନ୍ନ କରେ । CD ପ୍ଲେୟାରରେ ବ୍ୟବହୃତ ଲେଜର ଉତ୍ପନ୍ନ ହୁଏ ଏଲୁମିନିୟମ-ଗାଲିୟମ ଆର୍ସେନାଇଡ଼ (AlGaAs) ନିର୍ମିତ ଏକ କ୍ଷୁଦ୍ର ଓ କମ୍ କ୍ଷମତାର ଅର୍ଦ୍ଧପରିବାହୀ ଡାୟୋଡରୁ 790nm ଏହି ଡାୟୋଡ଼ ଅଦୃଶ୍ୟ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଅବଲୋହିତ ଆଲୋକ ନିର୍ଗତ କରେ । ଅଭିଦୃଶ୍ୟ ଲେନ୍ସ ଦେଇ ଲେଜର ବିମକୁ ଡିସ୍କରେ ଫୋକସ କରାଯାଏ, ଏହି ଲେନ୍ସ ଅଣୁବିକ୍ଷଣର ଲେନ୍ସ ପରି କାର୍ଯ୍ୟ କରେ ଓ 1mm ବ୍ୟାସଠୁ କମ ମାପର ବିନ୍ଦୁରେ ଲେଜର ବିମକୁ ଫୋକସ କରେ । ତା'ପରେ ଏହି ବିନ୍ଦୁକୁ ଡିସ୍କ୍ ରୁ ତଥ୍ୟ ପୁନରୁଦ୍ଧାର ପାଇଁ ବ୍ୟବହାର କରାଯାଏ । ଡିସ୍କର ଭିତର ପାର୍ଶ୍ୱସ୍ଥିତ ଆଣୁବୀକ୍ଷଣିକ 'ପିଟ୍' ଓ 'ଫ୍ଲାଟ'ରୁ ଆଲୋକରଶ୍ମି ପ୍ରତିଫଳିତ ହୁଏ । ସମତଳ କ୍ଷେତ୍ରରୁ ପ୍ରତିଫଳିତ ଆଲୋକ ପରି ଗାଡ଼ (pit)ରୁ ପ୍ରତିଫଳିତ ଆଲୋକ ଉଜ୍ଜ୍ୱଳ ହୁଏ ନାହିଁ । ଗୀତ ବା ଅନ୍ୟ ଅଡ଼ିଓ ଅନୁସାରେ ଏହି ଗାଡ଼ ଓ ସମତଳକୁ କୋଡ଼ିତ କରାଯାଏ । ଡିସ୍କରେ ରେକର୍ଡ଼ ହୋଇଥିବା ଶୂନ ଓ ଏକ (0 ଓ 1)ର ବିନ୍ୟାସ ଅନୁସାରେ ପ୍ରତିଫଳିତ ଆଲୋକର ପରିମାଣ ପରିବର୍ତ୍ତିତ ହୁଏ । ଆଲୋକ-ପରିଚାୟକ ନିର୍ଗମ (photo-detector output) ଦ୍ୱୟୀ-ଡାଟାର ଏକ ଧାରାବାହିକ ଶ୍ରେଣୀ ଦିଏ, ଯେଉଁଠୁ ପ୍ରତ୍ୟେକ ନମୁନାର 16 ବିଟ ପୁନରୁଦ୍ଧାର କରାଯାଏ ଓ ଏକ 16 ବିଟ ଡିଜିଟାଲରୁ ଏନାଲୋଗ ରୂପାନ୍ତରକ ବ୍ୟବହାର କରି, ଆମେ ମୂଳ ଏନାଲୋଗ ଧ୍ୱନି ସ୍ପିକର ଦେଇ ଫେରି ପାଉ ବା ଶୁଣୁ । ସ୍ପିକରକୁ ଆସିବା ପୂର୍ବରୁ ଅଡ଼ିଓ ସଂକେତ ଗୁଡ଼ିକ ସଂକେତ ପ୍ରକ୍ରିୟାକରଣ ସର୍କିଟ ଦେଇ ଆସେ ।

ଡିସ୍କ ଆଧାରର ସ୍ୱଚ୍ଛ ପୃଷ୍ଠତଳରୁ 1.1mm ଦୂରରେ ଡିଜିଟାଲ ତଥ୍ୟକୁ ପ୍ରକାଶ କରୁଥିବା ଗାଡ଼ ଓ ସମତଳ ଅବସ୍ଥିତ ହୋଇଥାଏ । ତଥ୍ୟ ପୁନରୁଦ୍ଧାର ପାଇଁ ଆଲୋକ – ବିମ ସ୍ୱଚ୍ଛ ଆଧାର ପଦାର୍ଥ ଦେଇ ଗତି କରେ । ଗାଡ଼ ଓ ସମତଳ ସମନ୍ୱିତ ଡିସ୍କର ଘୂର୍ଣ୍ଣନ ବେଳେ ଆଲୋକ ରଶ୍ମିଗୁଚ୍ଛ ତା'ଉପରେ ଦେଇ ଯିବା ବେଳେ ପ୍ରତିଫଳିତ ହେଉଥିବା ଆଲୋକର 'ଅନ' ଓ 'ଅଫ' ଝଲକର ଶ୍ରେଣୀ ସୃଷ୍ଟି କରେ, ଓ ଫଳରେ ଆଲୋକ ରଶ୍ମିଗୁଚ୍ଛ ମଡ୍ୟୁଲିତ ହୁଏ ।




**ଚିତ୍ର 33.5 ଗାଡ଼ ଓ ସମତଳର ଟ୍ରାକ**

ଚିତ୍ର 33.5 ରେ ଗାଡ଼ ଓ ସମତଳର ଗୋଟିଏ ଟ୍ରାକ ଦର୍ଶାଯାଇଛି । ଗାଡ଼ ଓ ସମତଳର ଦୈର୍ଘ୍ୟ ଟ୍ରାକରେ ଥିବା ତଥ୍ୟର ପରିମାଣ ନିର୍ଣ୍ଣୟ କରେ । ଗାଡ଼ ଓ ସମତଳର ଦୈର୍ଘ୍ୟ 1mm ରୁ 3mm ପର୍ଯ୍ୟନ୍ତ ହୋଇପାରେ ।

ପ୍ରତ୍ୟେକ ଗାଡ଼ ଏକ ମାଇକ୍ରୋମିଟରର କେବଳ ତିନି ପଞ୍ଚମାଂଶ ହୋଇଥାଏ । ଏକ ମାଇକ୍ରୋମିଟର ହେଉଛି ତୁମ କେଶର ପ୍ରସ୍ଥର ଏକ ଶତାଂଶ ମାତ୍ର । ଡିସ୍କରେ ଏତେ ସୂକ୍ଷ୍ମ ଭାବେ ଡାଟା ରହିଥିବାରୁ ଏକ କ୍ଷୁଦ୍ର ଧୂଳିକଣା ମଧ୍ୟ ବାହୁ ପରିମାଣ ଡାଟାକୁ ବନ୍ଦ କରି ଦେଇ ସମସ୍ୟା ସୃଷ୍ଟି କରିପାରେ ।

ଡିଜିଟାଲରୁ ଏନାଲୋଗ ରୂପାନ୍ତର ପରେ ବିକୋଡ଼ିତ ସଂକେତକୁ ପ୍ରକାଶ କରୁଥିବା ଗାଡ଼ ଓ ସମତଳକୁ ନିମ୍ନରେ ପ୍ରଦର୍ଶିତ ଏନାଲୋକ ତରଙ୍ଗ-ରୂପ ଦର୍ଶାଯାଉଛି । ସମତଳ କ୍ଷେତ୍ରରୁ କମ୍ ଆଲୋକ ଗାଡ଼ ପ୍ରତିଫଳିତ କରେ ଓ ଏହି ଉଭୟର ଦୈର୍ଘ୍ୟ ବଦଳି ମୂଳ ସଂକେତକୁ ପୁଣି ସୃଷ୍ଟି କରେ ।

ପ୍ରଚଳିତ LP ରେକର୍ଡ଼ ଅପେକ୍ଷା CD ର ତଥ୍ୟ-ଘନତ୍ୱ 50 ରୁ 100 ଗୁଣ ଅଧିକ । CD ସାର୍ଭୋ (Servo) ନିୟନ୍ତ୍ରିତ ଆଲୋକୀୟ ଉଦ୍‌ଗ୍ରାହୀ (pickup) ଦ୍ୱାରା 1.3$ms^{-1}$ ସ୍ଥିର ରେଖିକ ବେଗ(CLV)ରେ କ୍ରମବୀକ୍ଷଣ କରାଯାଏ । ଏହି କ୍ରମବୀକ୍ଷଣ ହାର ପାଇବା ପାଇଁ, ଡିସ୍କର ଘୂର୍ଣ୍ଣନ ବେଗକୁ କ୍ରମାନ୍ୱୟରେ ଆରମ୍ଭ ରୁ 500 rpm ରୁ ବାହାର ଧାରରେ 200 rpm ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଏ । ଚିତ୍ର 33.6 ରେ କମ୍ପାକ୍ଟ ଡିସ୍କ ପ୍ଲେୟାରର ବ୍ଲକ୍ - ଚିତ୍ର ପ୍ରଦର୍ଶନ କରାଯାଇଛି ।




**ଚିତ୍ର 33.6 : ଏକ CD ପ୍ଲେୟାରର ବ୍ଲକ୍ - ଚିତ୍ର**



**ଚିତ୍ର 33.7 CD ପ୍ଲେୟାରର ଗଠନ**



ଟିପ୍ପଣୀ

CD ରେ ଥିବା ଗୀତର ସଂଖ୍ୟା ଗୀତର ଅବଧି ଉପରେ ନିର୍ଭର କରେ, ମାତ୍ର ପ୍ରାୟ ସାତଟି ହିନ୍ଦି ଗୀତ ଗୋଟିଏ CD ରେ ଥାଏ ଯାହା ଏକ ଘଣ୍ଟା ଯାଏଁ ଅପ୍ରତିହତ ସଙ୍ଗୀତ ଶୁଣାଇ ପାରେ । କମ୍ପାକ୍ଟ ଡିସ୍କ ଆରମ୍ଭରେ 500 rpm ଓ ଶେଷରେ 200 rpm ଯାଏଁ ପରିବର୍ତ୍ତିତ ବେଗରେ ଘୂରିପାରେ ।

### 33.2.1 କମ୍ପାକ୍ଟ ଡିସ୍କର ସୁବିଧା (Advantages of Compact disc)

- କମ୍ପାକ୍ଟ ଡିସ୍କ 8 cm ଓ 12cm ବ୍ୟାସର ଦୁଇଟି ଆକାରରେ ମିଳେ ।
- କମ୍ପାକ୍ଟ ଡିସ୍କ ଏକ ଘଣ୍ଟା ପର୍ଯ୍ୟନ୍ତ ବାଦନ ସମୟରେ ନିରବଚ୍ଛିନ୍ନ ଭାବେ ଉତ୍ତମ ଗୁଣର ଧ୍ୱନି ଦେଇ ପାରେ ।
- ଏଗୁଡ଼ିକ ଭିନାଇଲେ ଡିସ୍କ (LP) ଠୁ ସୀମାତୀତ ଭାବେ ଅଧିକ ସ୍ଥାୟୀ ।
- ଘର୍ଷଣ ନ ଥିବାରୁ CD ଅଧିକ ସ୍ଥାୟୀ ।
- କୌଣସି ଅଲୋଡ଼ା ଶବ୍ଦ ବା ଆଲୋଡ଼ନ CD ପ୍ଲେୟାର ରେ ହୁଏ ନାହିଁ ।
- କମ୍ପାକ୍ଟ ଡିସ୍କ ପ୍ଲାଷ୍ଟିକ (ପଲିକାର୍ବୋନେଟ) ରୁ ତିଆରି ହୋଇଥିବାରୁ ସହଜରେ ଭାଙ୍ଗେ ନାହିଁ ।
- ଏନାଲୋଗ ରେକର୍ଡ଼ ତୁଳନାରେ CD ବ୍ୟବହାର ଅନେକ କମ୍ ସମସ୍ୟା ବହୁଳ । ଉଦାହରଣ ସ୍ୱରୂପ, ଯଦି ଡିସ୍କ୍ ଅପରିଷ୍କାର ହୋଇଥାଏ, ତେବେ ବି ଲେଜର ଆଲୋକ ଠିକ ଭାବେ କାର୍ଯ୍ୟ କରି ପାରେ, କାରଣ ରଶ୍ମିଗୁଚ୍ଛ ପୃଷ୍ଠତଳର ତଳପଟେ (ପୃଷ୍ଠତଳରେ ନୁହେଁ) ଥିବା ପ୍ରତିଫଳକ ଏଲୁମିନିୟମ ସ୍ତରକୁ ନିର୍ଦ୍ଦେଶିତ ହୋଇଥାଏ ।

CD ର ଯେ କୌଣସି ଅଂଶକୁ ପ୍ଲେ ପାଇଁ ଚୟନ କରାଯାଇପାରେ ।

### 33.2.2 ଅସୁବିଧା ସମୂହ (Disadvantages)

- ପୂର୍ବରୁ ରେକର୍ଡ଼ ହୋଇଥିବା CD ଦାମୀ ।
- ବିଲୋପ ବା ପୁନର୍ଲିଖନ ଦ୍ୱାରା CD କୁ ପୁନଃ ବ୍ୟବହାର କରିହୁଏ ନାହିଁ ।
- ପୁରୁଣା ଶାସ୍ତ୍ରୀୟ ସଙ୍ଗୀତ CD ଫର୍ମାଟରେ ଉପଲବ୍ଧ ନ ହୋଇପାରେ ।

### ପାଠଗତ ପ୍ରଶ୍ନାବଳୀ 33.2

1. ଏନାଲୋଗ ଓ ଡିଜିଟାଲ ଏ ଦୁଇ ଶବ୍ଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
2. ଏଗାଲୋଗ ଓ ଡିଜିଟାଲ ଉପରକରଣର ଦୁଇଟି ଉଦାହରଣ ଦିଅ ।
3. କମ୍ପାକ୍ଟ ଡିସ୍କରେ କେଉଁ ରୂପରେ ତଥ୍ୟ (ଅଡ଼ିଓ) ସଂରକ୍ଷିତ ଥାଏ ?
4. ଡିଜିଟାଲ ଅଡ଼ିଓ ରେକର୍ଡ଼ିଂର ଯେକୌଣସି ଦୁଇଟି ସୁବିଧା ଲେଖ ।
5. କମ୍ପାକ୍ଟ ଡିସ୍କର ଘୂର୍ଣ୍ଣନ ବେଗର ସୀମା ନିର୍ଦ୍ଧାରଣ କର ।
6. କମ୍ପାକ୍ଟ ଡିସ୍କର ସହିୟ ଧାରକତ୍ୱ କିପରି ନିର୍ଣ୍ଣୟ କରିବ ?

## 33.3 କମ୍ପାକ୍ଟ ଡିସ୍କ ଓ DVD (Digital Video Disc)

ଭିଡ଼ିଓ ଡିସ୍କ୍ ସାଧାରଣ LP ପରି ଦିଶେ, କିନ୍ତୁ ଏଥିରେ ଚିତ୍ର ଓ ଗୀତ ଉଭୟ ଚାଲେ । ଏହା ଭିଡ଼ିଓ ଟେପ ବ୍ୟବସ୍ଥା ପରି ନୁହେଁ । ଏହା, ପୂର୍ବରୁ ରେକର୍ଡ଼ ହୋଇଥିବା ପ୍ରୋଗ୍ରାମ, ମୁଭି, କନସାର୍ଟ, ବୃତ୍ତିଗତ ପାଠ୍ୟକ୍ରମ



ଟିପ୍ପଣୀ

ଆଦିକୁ ପ୍ଲେ (play) କରିବା ପାଇଁ ବିଶେଷ ଭାବେ ପରିକଳ୍ପିତ ହୋଇଥାଏ । ଏବେ, ଡିଜିଟାଲ ଭିଡ଼ିଓ ଡିସ୍କ (DVD) ହେଉଛି ଭିଡ଼ିଓ ଡିସ୍କ୍ ଶ୍ରେଣୀର ସର୍ବଶେଷ ଉପକରଣ । ଏହି ଶ୍ରେଣୀରେ ଅଛି - VCR (ଯାହା ଚୁମ୍ବକୀୟ ଟେପ୍ ବା ଫିତା ବ୍ୟବହାର କରେ), ଲେଜର ଡିସ୍କ - ଲେଜର ବୃଷ୍ଟି ଓ ଡିଜିଟାଲ ଭିଡ଼ିଓ ଡିସ୍କ (ଯାହାକୁ ଡିଜିଟାଲ ଭାର୍ସାଟାଇଲ ଡିସ୍କ ମଧ୍ୟ କୁହାଯାଏ) ଉପରେ ଆଧାରିତ । ଏହା ବଜାରରେ ପ୍ରାଧାନ୍ୟ ବିସ୍ତାର କରିଛି କାରଣ ଏଥିରେ ଚିତ୍ରର ଗୁଣବତ୍ତା ଯେ କେବଳ ଉତ୍ତମ ତାହା ନୁହେଁ, ଏହା ଥିଏଟରରେ ମିଳୁଥିବା ସବୁପ୍ରକାର ଧ୍ୱନି ପ୍ରଭାବ ମଧ୍ୟ ପ୍ରଦାନ କରେ । ଡିଜିଟାଲ ସଂରକ୍ଷଣ ବହୁବିଧ ବ୍ୟବହାର ଯୋଗ୍ୟ - ବିଷୟ ବସ୍ତୁ (text), ଚିତ୍ର-ଧ୍ୱନି (videos) ଓ ସଜୀବଚିତ୍ରଣ ବା ଏନିମେଶନ (animation) ଓ ଧ୍ୱନି ମଧ୍ୟ ଆଦାନପ୍ରଦାନକାରୀ (interactive) ଡିସ୍କରେ ସଂରକ୍ଷଣ କରାଯାଏ । ଏକ କ୍ଷୁଦ୍ର ପ୍ଲାଷ୍ଟିକ ଖଣ୍ଡରେ 12 ଖଣ୍ଡ ଜ୍ଞାନକୋଷ (encyclopedia) ରଖି ହେଉଛି । 100 ବର୍ଷର National Geographic Magazine 30ଟି CD ରେ ମିଳୁଛି । ସେହିପରି, ପୁରୁଣା ଭାରତୀୟ ଶାସ୍ତ୍ରଗ୍ରନ୍ଥକୁ ଡିଜିଟାଲ କରାଯାଉଛି । ଅତଏବ ଜ୍ଞାନ-ପରିଚାଳନରେ CD ଏକ ପ୍ରୟୋଜନୀୟ ହତିଆର ଭାବେ କାର୍ଯ୍ୟ କରୁଛି ।

### 33.3.1 ପାରମ୍ପରିକ ଭିଡ଼ିଓ ରେକର୍ଡ଼ିଂ ମାଧ୍ୟମର ସୀମିତ ପରିସର (Limitations of Traditional Video Recording Media)

ଚୁମ୍ବକୀୟ ମାଧ୍ୟମରେ ଭିଡ଼ିଓ ରେକର୍ଡ଼ିଂର କେତେଗୁଡ଼ିକଏ ଅସୁବିଧା ଅଛି ।

- ଚିତ୍ର-ଗୁଣ ଖରାପ ଓ ଶ୍ରାବ୍ୟ-ଗୁଣ ମଧ୍ୟ ସନ୍ତୋଷପ୍ରଦ ନୁହେଁ;
- ଚୁମ୍ବକୀୟ ଟେପରେ ପତନ (dropouts), ଅସ୍ଥିର ଆଲୋକ (Flicker) - ପରିବର୍ତ୍ତିତ ଉଜ୍ଜ୍ୱଳତା, ଦୃଷ୍ଟିସ୍ଥିରତା ଠୁ ଧୀର ହ୍ରାସ-ବୃଦ୍ଧି) ଓ ବିକୃତି ଖୁବ୍ ସାଧାରଣ କଥା;
- ଭିଡ଼ିଓ ହେଡ୍ ଓ ଚୁମ୍ବକୀୟ ଟେପ୍ ମଧ୍ୟରେ ପ୍ରତ୍ୟକ୍ଷ ସଂଯୋଗ ହେତୁ ଚିତ୍ର-ଗୁଣ ହ୍ରାସ ପାଏ ଓ ବାରମ୍ୱାର ବ୍ୟବହାରରେ ଧ୍ୱନି-ଗୁଣ ମଧ୍ୟ ହ୍ରାସ ପାଏ; ଓ
- ରାମ୍ପିହେବ ଓ ଟ୍ରାକର ସମସ୍ୟାକୁ କମାଇବା ପାଇଁ ହେଡ଼କୁ ପ୍ରାୟତଃ ସଫା ରଖିବା ପ୍ରୟୋଜନ ହୋଇଥାଏ ।

### 33.3.2 ଭିଡ଼ିଓ ଡିସ୍କର ପ୍ରୟୋଜନ (Need of Video Disc)

ଲେଜର ଡିସ୍କ (LD) ଥିଲା ପ୍ରଥମ ବାଣିଜ୍ୟିକ ଆଲୋକୀୟ ଡିସ୍କ ସଂରକ୍ଷଣ ମାଧ୍ୟମ, ଓ ପ୍ରଧାନତଃ ଏହା ଘରେ ମୁଭି ଦେଖିବା ପାଇଁ ବ୍ୟବହୃତ ହେଉଥିଲା । ଏକ ସ୍ୱଚ୍ଛ ଡିସ୍କ ବ୍ୟବହାର କରି, ଲେଜର ଡିସ୍କ ପ୍ରଯୁକ୍ତି 1958 ରେ ଉଦ୍ଭାବିତ ହେଲା । ପ୍ରତିଫଳନ ଆଧାରିତ ଅନ୍ୟ ପ୍ରକାର ଭିଡ଼ିଓ ଡିସ୍କ ପରେ ବିକଶିତ ହେଲା ଓ ଏହା ସ୍ୱଚ୍ଛ ଡିସ୍କ ତୁଳନାରେ ଅନେକ ସୁବିଧାପ୍ରଦ । ଅନେକ ଦେଶରେ ଲେଜର ଡିସ୍କ୍ ଜନପ୍ରିୟ ହେଲେ ମଧ୍ୟ, ୟୁରୋପରେ ଏହି ଫର୍ମାଟର ଆଦୃତି ହେଲା ନାହିଁ । ସାଧାରଣ ଘରୋଇ ଭିଡ଼ିଓ ଲେଜର ଡିସ୍କର ବ୍ୟାସ 30cm । ଯଦିଓ LD ର ବହୁ ବୈଶିଷ୍ଟ୍ୟ ଓ ଗୁଣଧର୍ମ CD/DVD ପରି, ଏହା ସର୍ବୋପରି ଏକ ଏନାଲୋଗ ବ୍ୟବସ୍ଥା । ଭିଡ଼ିଓ, ପ୍ରଧାନତଃ ଏନାଲୋଗ ଧ୍ୱନି ସହିତ ସମନ୍ୱିତ ଅଞ୍ଚଳ (Composite domain)ରେ ସଂରକ୍ଷିତ ହୋଇଥାଏ ।

ଏନାଲୋଗ ରେକର୍ଡ଼ LP କ୍ୟାସେଟ ଟେପରେ ଗୀତର ଗୁଣବତ୍ତାକୁ ହ୍ରାସ କରୁଥିବା ବିଭିନ୍ନ ଅବାଞ୍ଛିତ ଶବ୍ଦ (hisses, pops, hums) କୁ ଯେମିତି ଅଡ଼ିଓ CD ବିତାଡ଼ିତ କରେ ସେହିପରି ଏନାଲୋଗ ଭିଡ଼ିଓ ଘରୋଇ ବ୍ୟବସ୍ଥା VCR, VDP ଓ ଟେପ ରେକର୍ଡ଼ିଂର ସ୍ୱାଭାବିକ ବିକୃତି, ପତନ, ଅସ୍ଥିର ଆଲୋକକୁ ଭିଡ଼ିଓ ଡିସ୍କ ବିତାଡ଼ିତ କରେ । ଭିଡ଼ିଓ ଡିସ୍କ କେବଳ ଧ୍ୱନି ଓ ଚିତ୍ର ସଂରକ୍ଷଣ ପାଇଁ ବ୍ୟବହୃତ ହୁଏ ନାହିଁ । ଏହା ବହୁ ପରିମାଣର ବିଷୟବସ୍ତୁ (text) ବା ବିଷୟର ମିଶ୍ରଣ, ଧ୍ୱନି, ଗ୍ରାଫିକ ଓ ଚଳଚିତ୍ର ମଧ୍ୟ ସଞ୍ଚୟ କରିପାରେ ।

ଟିପ୍ପଣୀ

ଏହା ସହିତ ଅନିୟମିତ ଅଭିଗମନ (random access) ଭଳି ଅନ୍ୟାନ୍ୟ କ୍ଷମତା ହେତୁ ଏହି ବ୍ୟବସ୍ଥା ଦ୍ୱାରା ତଥ୍ୟ ସ୍ଥାନାନ୍ତର, ପୁନରୁଦ୍ଧାର ଓ ସଂରକ୍ଷଣ ମଧ୍ୟ କରାଯାଇପାରେ ।

**33.3.3 ଭିଡ଼ିଓ ଡିସ୍କ ଓ ପ୍ଲେୟାରର ପ୍ରକାର (Types of video discs and players)**

ତିନିପ୍ରକାର ଭିଡ଼ିଓ ଡିସ୍କ ଅଛି :

- ସଂସ୍ପର୍ଶ ଭିଡ଼ିଓ ଡିସ୍କ (Contact Video Disc - CVD)
- ଆଲୋକୀୟ ଭିଡ଼ିଓ ଡିସ୍କ (Optical Video Disc)
- ଆଲୋକୀୟ ଡିଜିଟାଲ ଭିଡ଼ିଓ ଡିସ୍କ (DVD)

ଆଲୋକୀୟ ଭିଡ଼ିଓ ଡିସ୍କରେ ଟ୍ରାକଗୁଡ଼ିକୁ ଆଲୋକୀୟ ଲେଜର ବିମ୍ ଦ୍ୱାରା ପର୍ଯ୍ୟବେକ୍ଷଣ କରାଯାଏ । ଚିତ୍ତ ବିନୋଦନ ଭିନ୍ନ ଅଧିକାଂଶ ତଥ୍ୟ ପ୍ରୟୋଗରେ ଆଲୋକୀୟ ଭିଡ଼ିଓ ଡିସ୍କର ଶିଳ୍ପ-ସମ୍ବନ୍ଧୀୟ ଫର୍ମାଟକୁ ସର୍ବାପେକ୍ଷା ଉପଯୋଗୀ ଧରାଯାଏ କାରଣ ଏହା ସ୍ଥିର ଚିତ୍ର ପ୍ରକାଶ କରି ପାରେ, ଟେକ୍ସ୍ଟ ଫ୍ରେମ ରଖିପାରେ, ଓ ଯେକୌଣସି ଫ୍ରେମକୁ ଦ୍ରୁତ ପହଞ୍ଚିପାରେ । ଦୂରଦର୍ଶନ ଚିତ୍ର ଓ ଧ୍ୱନି, କେବଳ ଧ୍ୱନି, ବା ଡାଟାର ଡିଜିଟାଲ ସଂରକ୍ଷଣ ବା ଏସବୁର ସମନ୍ୱୟକୁ ସଞ୍ଚିତ କରିବା ପାଇଁ ଭିଡ଼ିଓ ଡିସ୍କ ବ୍ୟବହାର କରାଯାଏ । ଉଦାହରଣ ସ୍ୱରୂପ, ଫିଲିପ୍ସ / MCA ଡିସ୍କର ପ୍ରତ୍ୟେକ ପାର୍ଶ୍ୱରେ 54,000 ଫ୍ରେମ ଥାଏ । କିନ୍ତୁ ସଂରକ୍ଷଣ କରୁଥିବା ତଥ୍ୟର ପରିମାଣ ଦୃଷ୍ଟିରୁ ପ୍ରତ୍ୟେକ ଦୂରଦର୍ଶନ ଫ୍ରେମ ଯଥେଷ୍ଟ ସୀମିତ । ଦୂରଦର୍ଶନ ଫ୍ରେମ ପାଇଁ ଅର୍ଥାତ୍ ଡିସ୍କର ପ୍ରତ୍ୟେକ ପାର୍ଶ୍ୱ ପିଛା 6000-7000 ପୃଷ୍ଠା ତୁଳନୀୟ ନୁହେଁ । ତେଣୁ ଘରୋଇ ଦୂରଦର୍ଶନ ଅଭିଗ୍ରାହୀ ପର୍ଦାରେ ଦେଖିବା ପାଇଁ ଟେକ୍ସ୍ଟର ସମ୍ପୂର୍ଣ୍ଣ ପୃଷ୍ଠା ରଖିବା ସକାଶେ ଗୋଟିଏ ଫ୍ରେମ ଯଥେଷ୍ଟ ନୁହେଁ । ତଥ୍ୟକୁ ଡିଜିଟାଲ ରୂପରେ ସଂରକ୍ଷଣ ପାଇଁ ଭିଡ଼ିଓ ଡିସ୍କ୍ ବ୍ୟବହାର କରାଯାଏ । ଏହି କ୍ଷେତ୍ରରେ ଗୋଟିଏ ପାର୍ଶ୍ୱରେ ପ୍ରାୟ $10^{10}$ ବିଟ୍ ବା 1250 ଅକ୍ଷର / ଚିହ୍ନ (character) ର 1 ମିଲିୟନ ପୃଷ୍ଠା ରହିପାରେ, ଯାହା ଦୂରଦର୍ଶନରେ ପ୍ରତ୍ୟକ୍ଷ ଭାବେ ବ୍ୟବହୃତ ଟେକ୍ସ୍ଟ ଅପେକ୍ଷା ବହୁ ଅଧିକ ।

ଆଲୋକୀୟ ଭିଡ଼ିଓ ଡିସ୍କରେ ଡିଜିଟାଲ ତଥ୍ୟ (ଭିଡ଼ିଓ + ଅଡ଼ିଓ) ଗୋଟିଏ ମାନକ ଭିଡ଼ିଓ ସଂକେତରେ କୋଡ଼ିତ କରାହୋଇଥାଏ । ଏହି ସବୁ ଡିସ୍କର ସଞ୍ଚୟ କ୍ଷମତା $10^{10}$ ଓ $10^{11}$ ବିଟ୍‌ର ମଧ୍ୟବର୍ତ୍ତୀ । ନୂଆ DVD ବ୍ୟବସ୍ଥାରେ, ଅଡ଼ିଓ CD ଓ CD-ROM (କମ୍ପାକ୍ଟ ଡିସ୍କ୍ କେବଳ ପଠନ ସ୍ମୃତି ବା Read only memory) ପ୍ଲେୟାର ପାଇଁ ଉଦ୍ଦିଷ୍ଟ ପ୍ରଯୁକ୍ତି ବ୍ୟବହାର କରାହୋଇଥାଏ । ଉଭୟ ଭିଡ଼ିଓ ଡିସ୍କ ଓ CD-ROM ପ୍ରୟୋଗ ପାଇଁ ଗୋଟିଏ DVD ମାନକ (standard)ର ଚେଷ୍ଟା କରାଯାଉଛି । ଭବିଷ୍ୟତ DVD ଡ୍ରାଇଭ ପାଇଁ ଆଉ ଏକ ପ୍ରୟୋଜନ ଥିଲା ଏବର CD-ROM ଡିସ୍କକୁ ପଠନ କରିବା । ଏବର CD-ROM ଡିସ୍କରେ ପ୍ରାୟ 650MB ତଥ୍ୟ (1MB = $10^6$ ବାଇଟ୍ସ) ରହିପାରେ ।

**33.3.4 ଭିଡ଼ିଓ-ଡିସ୍କ ପ୍ଲେୟାର (Video Disc Player)**

ଫୋନୋଗ୍ରାଫ ବା ରେକର୍ଡ଼ ପ୍ଲେୟାରର ଏକ ବିଶେଷ ରୂପ ହେଲା ଭିଭିଓ ଡିସ୍କପ୍ଲେୟାର । ଧ୍ୱନି ଓ ଚିତ୍ର ଉଭୟ ଥିବା ଯେକୌଣସି ପୂର୍ବରୁ ରେକର୍ଡ଼ ହୋଇଥିବା ଭିଡ଼ିଓ ଡିସ୍କକୁ ଭିଡ଼ିଓ ଡିସ୍କପ୍ଲେୟାର ଯେକୌଣସି ମାନକ TV ସେଟରେ ପ୍ଲେ କରିପାରେ । ଚିତ୍ର କଳା-ଧଳା ବା ରଙ୍ଗିନ ହୋଇପାରେ । ସବୁ ପ୍ଲେୟାରରେ ଶବ୍ଦ ଏକଧ୍ୱନି ବା କିଛି ପ୍ଲେୟାରରେ ଷ୍ଟେରିଓ (ଓ ଏପରିକି କିଛି ପ୍ଲେୟାରରେ ଦୁଇଟି ସ୍ୱାଧୀନ ଚ୍ୟାନେଲ ବା ଦ୍ୱିଭାଷୀ ହୋଇପାରେ ।





ପ୍ଲେୟାର ସର୍କିଟ ଡିସ୍କରେ ରେକର୍ଡ଼ ହୋଇଥିବା ଚିତ୍ର ଓ ଧ୍ୱନିକୁ ବୈଦ୍ୟୁତିକ ସଂକେତରେ ରୂପାନ୍ତରିତ କରେ (ପାଠ 32 ରେ ଆଲୋଚିତ) ଯାହା ରେଡ଼ିଓ ଆବୃତ୍ତି (RF) ୟୁନିଟକୁ ମଡ୍ୟୁଲିତ କରେ (ଯାହାକୁ VHF ମଡୁଲକ କୁହାଯାଏ) । ପ୍ଲେୟାରରେ RF ୟୁନିଟର ନିର୍ଗମ ବା ଆଉଟପୁଟକୁ TV ସେଟରେ ପ୍ରୟୋଗ କରାଯାଏ ।

ପ୍ରଚଳିତ ଅଡ଼ିଓ ରେକର୍ଡ଼ ତୁଳନାରେ ଭିଡ଼ିଓ ଡିସ୍କ ଉଚ୍ଚ ବେଗରେ ଘୂରେ ଏବଂ ଏଥିରେ ପ୍ରଚଳିତ ଛୁଞ୍ଚି ଓ ମୁନ (stylus) ପରିବର୍ତ୍ତେ ଆଲୋକୀୟ ବା ଧାରିତ୍ର ଅଭିଗ୍ରହଣ (Pickup) ବ୍ୟବସ୍ଥା ଥାଏ । ସାଧାରଣତଃ ଭିଡ଼ିଓ ଡିସ୍କ ଉଭୟ ପାର୍ଶ୍ୱରେ ପ୍ଲେ ହୁଏ ଓ ପ୍ରତି ପାର୍ଶ୍ୱରେ ପ୍ଲେ ବା ବାଦନ ସମୟ 30 ମିନିଟ ହୋଇଥାଏ । ସଂପ୍ରସାରିତ ପ୍ଲେ ଭିଡ଼ିଓ ଡିସ୍କରେ ପ୍ରତ୍ୟେକ ପାର୍ଶ୍ୱରେ ଏକ ଘଣ୍ଟାର ତଥ୍ୟ ସଂରକ୍ଷିତ ହୋଇପାରେ ।

ତଥ୍ୟର ବାହକ ରୂପେ ଭିଡ଼ିଓ ଟେପ ଅପେକ୍ଷା ଡିସ୍କ ବ୍ୟବହାରର ଏକ ସୁବିଧା ହେଲା – ଏଥିରେ ପ୍ରୋଗ୍ରାମର ଯେ କୌଣସି ଅଂଶକୁ ତତ୍‌କ୍ଷଣାତ ପହଞ୍ଚି ହୁଏ । ବ୍ୟବହାରକାରୀଙ୍କ ନିକଟରେ ବୋଧ ହୁଏ ଏହାର ଗୁରୁତ୍ୱ ହେଲା – ଏହାର କମ୍ ଦାମ, ଯାହା ଅଡ଼ିଓ ରେକର୍ଡ଼ ପରି ଉତ୍ପାଦନ ପ୍ରକ୍ରିୟା ବ୍ୟବହାର ଦ୍ୱାରା ସମ୍ଭବ ହୋଇଛି । ପୁଣି ଭିଡ଼ିଓର ଭିଡ଼ିଓ ପ୍ରଦର୍ଶନ ଓ ଅଡ଼ିଓ ପୁନରୁତ୍ପାଦନ ଉଭୟ ଭିଡ଼ିଓ ଟେପ ବା କ୍ୟାସେଟ ଅପେକ୍ଷା ସାଧାରଣତଃ ବହୁତ ଭଲ । ଭିଡ଼ିଓ ଟେପ୍ ବା ଭିଡ଼ିଓ କ୍ୟାସେଟ୍ ତୁଳନାରେ ଭିଡ଼ିଓ ଡିସ୍କର ଅସୁବିଧା ହେଲା – ଏହି ବ୍ୟବସ୍ଥାରେ ବ୍ୟବହାରକାରୀ ରେକର୍ଡ଼ କରି ପାରେ ନାହିଁ; କେବଳ ପୂର୍ବରୁ ହୋଇଥିବା ରେକର୍ଡ଼କୁ ବଜାଇ (playback) ପାରେ ।

**ଭିଡ଼ିଓ ଡିସ୍କ ପ୍ଲେୟାରର କାର୍ଯ୍ୟ ପ୍ରଣାଳୀ (Working Principle of a video disc player)**

ଆଲୋକୀୟ ଭିଡ଼ିଓ ଡିସ୍କକୁ ଲେଜର ଉତ୍ସରୁ ଆଲୋକ ଦ୍ୱାରା ତଳପଟୁ ପ୍ଲେ କରାଯାଏ । LV ଡିସ୍କର ଆରମ୍ଭ କେନ୍ଦ୍ର ନିକଟରୁ ହୁଏ ଓ ରଶ୍ମିଗୁଚ୍ଛ ବା ବିମ୍ ପ୍ରୋଗ୍ରାମ ଆଗେଇବା ସହିତ ଧାର ଆଡ଼କୁ ଅର୍ଥାତ୍ ବାହାର ଦିଗକୁ କ୍ରମବୀକ୍ଷଣ କରେ ।

ଅଭିଦୃଶ୍ୟ ଲେନ୍‌ସ ଦେଇ ଆଲୋକ ବିମ୍‌କୁ ଭିଡ଼ିଓ-ଡିସ୍କର ତଳଦେଶରେ ଫୋକସ କରାଯାଏ । ଲେନ୍‌ସ ପ୍ଲେୟାରରେ ଭିଡ଼ିଓ-ଡିସ୍କ ତଳେଥାଏ । ଆରମ୍ଭରୁ ଶେଷ ଯାଏଁ ଭିଡ଼ିଓ ଡିସ୍କକୁ ଚଳାଇବା ବେଳେ ଅଭିଦୃଶ୍ୟ ଲେନ୍‌ସ ଭିଡ଼ିଓ ଡିସ୍କର କେନ୍ଦ୍ର ନିକଟରୁ ବାହାରଧାର ଯାଏଁ ଗତି କରେ । ରଶ୍ମିଗୁଚ୍ଛ ପ୍ରକୃତରେ ଭିଡ଼ିଓ ଡିସ୍କର ତଳପୃଷ୍ଠର ନିମ୍ନରେ ଥିବା ଆଣୁବୀକ୍ଷଣିକ ଗାଡ଼ଗୁଡ଼ିକରେ ପ୍ରତିଫଳିତ ହୁଏ । ଚିତ୍ର ଓ ଧ୍ୱନି ସମ୍ପର୍କୀୟ ତଥ୍ୟ ଅନୁସାରେ ଗାଡ଼ଗୁଡ଼ିକୁ କୋଡ଼ିତ (coded) କରାଯାଏ । ଏହିପରି ଆଲୋକୀୟ ବ୍ୟବସ୍ଥାରେ ଅନେକଗୁଡ଼ିଏ ପ୍ଲେବ୍ୟାକ ବୈଶିଷ୍ଟ୍ୟ ଅଛି, ଯେମିତି ଅଗ୍ରଗାମୀ ଓ ବିପରୀତଗାମୀ ପ୍ଲେ କରିବା, ଧୀର ଓ ଦ୍ରୁତ ଗତି, ଓ ବନ୍ଦ ଗତି (ସ୍ଥିର ଚିତ୍ର) ଇତ୍ୟାଦି ।

ଆଲୋକୀୟ ଅଭିଗ୍ରହଣ (Optical pickup) ଘୂର୍ଣ୍ଣାୟମାନ ଡିସ୍କରେ ଉଦ୍ଦୀପ୍ତ ଆଲୋକର କ୍ଷୁଦ୍ର ବିନ୍ଦୁର ପ୍ରତିଫଳନକୁ ‘ପାଠ’ କରିପାରେ । ପ୍ରତିଫଳକ ସ୍ତରର ଗାଡ଼ (pit) ବା ସମତଳ (Flat) ଅଂଶ କେଉଁଠାରେ ରଶ୍ମିଗୁଚ୍ଛ ପତିତ ହୋଇଛି, ତାହା ଉପରେ ନିର୍ଭର କରି ପ୍ରତିଫଳନର ପ୍ରକୃତି ପରିବର୍ତ୍ତିତ ହୁଏ । ଏହି ଅନ୍-ଅଫ୍ ପ୍ରତିଫଳନକୁ ଗୋଟିଏ ଫଟୋ-ଡିଟେକ୍ଟର ଅଧିକୃତ କରେ ଯାହା ଅନ୍-ଅଫ୍ ବୈଦ୍ୟୁତିକ ସଂକେତର ଏକ ଫିତା (string) କରେ ଯାହା ଡିଜିଟାଲ ସଙ୍କେତ (code)ର ଶୂନ ଓ ଏକ କୁ ସୂଚାଏ । ଏହି ଡିଜିଟାଲ ଡାଟାକୁ ତା’ପରେ ଏନାଲୋଗ ଅଡ଼ିଓ ବା ଭିଡ଼ିଓ ସଂକେତରେ ରୂପାନ୍ତରିତ କରାଯାଏ । କିନ୍ତୁ DVD , CD ଠୁ ଏକ ପାହାଚ ଆଗରେ ଅଛି । ନୂତନ ପ୍ରଯୁକ୍ତିର ସାହାଯ୍ୟ ନେଇ 488 ମିନିଟ ପର୍ଯ୍ୟନ୍ତ ପୂର୍ଣ୍ଣ ଗତି ଭିଡ଼ିଓ ଡାଟାକୁ ସଙ୍କୁଚିତ କରି ସେହି ସମାନ 120mm ବ୍ୟାସର ଡିସ୍କରେ ରଖି ପାରୁଛି, ଯେଉଁଥିରେ 15 ବର୍ଷତଳେ ମାତ୍ର 70 ମିନିଟର ଅଡ଼ିଓ ଡାଟା ରହିପାରୁଥିଲା ।



ଟିପ୍ପଣୀ



**33.3.5 : ଡିଜିଟାଲ ଭାର୍ସାଟାଇଲ ଡିସ୍କ ବା ଡିଜିଟାଲ ଭିଡ଼ିଓ ଡିସ୍କ୍ (Digital versatile disc or digital video disc)**

DVD ପ୍ଲେୟାର ସଂକ୍ରାନ୍ତୀୟ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିକାଶ ହେଉଛି ନୂଆ ପ୍ରଜନ୍ମ ର ଲେଜର । ବର୍ତ୍ତମାନର CD ପ୍ଲେୟାରରେ 780nm ($1nm = 10^{-9}m$) ତରଙ୍ଗ ଦୈର୍ଘ୍ୟର ଅବଲୋହିତ ଲେଜର ବ୍ୟବହୃତ ହେଉଛି । ଏହି ତରଙ୍ଗ ଦୈର୍ଘ୍ୟ ମଣିଷ କେଶର ପ୍ରସ୍ଥର ଏକ ଶତାଂଶ ସହ ସମାନ । ନୂଆ ଭିଡ଼ିଓ ଡିସ୍କ ପ୍ଲେୟାରରେ ଲେଜରର ତରଙ୍ଗ ଦୈର୍ଘ୍ୟ 635 ନାନୋମିଟର । କମ୍ ତରଙ୍ଗ ଦୈର୍ଘ୍ୟ ର ଅର୍ଥ ହେଲା ଲେଜର ବିମ୍, ବର୍ତ୍ତମାନର ଅଡ଼ିଓ CD ର ଗାଡ଼ର ଅଧା ଆକାରର ଗାଡ଼ରେ ଏବେ ଫୋକସ ହୋଇ ପାରିବ ।

ପ୍ରଚଳିତ ଅଡ଼ିଓ CD ର 1.6mm ଟ୍ରାକପିଚ୍ (track pitch)ର ଉନ୍ନତି ମଧ୍ୟ ଏଥିରେ ସଂଯୁକ୍ତ ହେଲା । CD ର ସର୍ପିଳ ଟ୍ରାକର ଦୈର୍ଘ୍ୟ ପ୍ରାୟ 6km ଓ ପୂର୍ଣ୍ଣ ଡାଟା ଧାରକତ୍ୱ ହେଲା ପ୍ରାୟ 780 ମେଗାବାଇଟ୍ । ନୂଆ DVD ଡିସ୍କର ଟ୍ରାକ ପ୍ରାୟ 11km ଲମ୍ବା ଓ ପ୍ରତ୍ୟେକ ପାର୍ଶ୍ୱରେ 4.7 ଗିଗାବାଇଟ (gigabyte)ରୁ ଅଧିକ ଡାଟା ରଖିପାରେ, ଅର୍ଥାତ୍ 133 ମିନିଟର ପୂର୍ଣ୍ଣ ଗତିଶୀଳ ଭିଡ଼ିଓ ପ୍ରତି ପାର୍ଶ୍ୱରେ ରଖିବା ପାଇଁ ଏଥିରେ ଯଥେଷ୍ଟ ଜାଗା ଅଛି ।

DVD ର ଆଉ ଏକ ବୈଶିଷ୍ଟ୍ୟ ହେଲା, ଏହାର ଉଚ୍ଚକୋଟୀର ଧ୍ୱନି । DVD ରେ ଅଧିକ ଡାଟା ରହିବା ପାଇଁ ଯଥେଷ୍ଟ ସ୍ଥାନ ଥାଏ, ତେଣୁ ଏଥିରେ ଏକାଧିକ ଭାଷା ଓ ଉପ ଶିରୋନାମାର ଟ୍ରାକ ରହିପାରେ । ବ୍ୟବହାରକାରୀ ଜଣେ ଉପଶିରୋନାମା ଥାଇ ବା ନ ଥାଇ ମୂଳ ମୁଭି କଥୋପକଥନ ବା ତା'ର ଡବିଂ ହୋଇଥିବା ରୂପ କେଉଁଟା ଶୁଣିବା ସ୍ଥିର କରିପାରେ । ଏହି ବୈଶିଷ୍ଟ୍ୟକୁ କାମରେ ଲଗାଇ, ନିର୍ମାଣ ଓ ବ୍ୟବହାର ଖର୍ଚ୍ଚ ବଞ୍ଚାଇ ଡିସ୍କ୍ ନିର୍ମାତାମାନେ ଏକାଧିକ ଭାଷା ଏଥିରେ ରଖନ୍ତି ।

ପ୍ରଥମ DVD ପ୍ଲେୟାର ମାର୍ଚ୍ଚ 1997 ରେ ବଜାରକୁ ଆସିଲା ।

**33.3.6 ଭିଡ଼ିଓ ଡିସ୍କର ସୁବିଧା ଓ ଅସୁବିଧା (Advantages and disadvantages of video disc)**

କାଗଜ ମାଇକ୍ରୋ ଫିଲ୍ମ ଓ ଚୁମ୍ବକୀୟ ମାଧ୍ୟମ ତୁଳନାରେ ଭିଡ଼ିଓ ଡିସ୍କର ନିମ୍ନଲିଖିତ ସୁବିଧାଗୁଡ଼ିକ ଅଛି -

1. ଡିସ୍କର ଉଭୟ ପାର୍ଶ୍ୱର ସଂରକ୍ଷଣ ଧାରକତ୍ୱ ଅଧିକ ।

2. ବହୁକାଳ ସ୍ଥାୟୀ ସଞ୍ଚୟ ବା ସଂରକ୍ଷଣ ମାଧ୍ୟମ - ହେଡ଼୍‌ସହ କୌଣସି ସଂଯୋଗ ନାହିଁ, କାରଣ ତଥ୍ୟ (ଭିଡ଼ିଓ + ଅଡ଼ିଓ) ଲେଜର ବିମ୍ ଦ୍ୱାରା କ୍ରମବୀକ୍ଷଣ କରାଯାଏ ।

3. ଧୂଳିମଳି ଓ ଆର୍ଦ୍ରତାର ପ୍ରଭାବ ନ ଥାଏ ।

4. କମ୍ପ୍ୟୁଟର ନିୟନ୍ତ୍ରକ ଦ୍ୱାରା କାର୍ଯ୍ୟକ୍ଷମ ଓ ଦ୍ରୁତ ଭିଡ଼ିଓ ପ୍ରତିବିମ୍ବ ମିଳୁଥିବା ଅପେକ୍ଷାକୃତ କମ ଦାମର ପ୍ଲେୟାର ଉପଲବ୍ଧ ହେଉଛି ।

5. ଯେଉଁ ପଦାର୍ଥରେ ଡିସ୍କ ନିର୍ମିତ ହୁଏ ତାହା VCR ବା ପ୍ରଚଳିତ ଫିଲ୍ମ ଅପେକ୍ଷା କମ ଦାମୀ ।

6. ଡିସ୍କ ମଧ୍ୟ ହାଲୁକା ଓ କ୍ଷୁଦ୍ର ତେଣୁ ସହଜରେ ନେଇ ହୁଏ ଓ ସଞ୍ଚୟ କରି ହୁଏ ।

7. କିଛି ଡିସ୍କର ଆଉ ଏକ ସୁବିଧା ହେଲା - ଏହାର ବିଭିନ୍ନ ଅଂଶକୁ ଇଚ୍ଛାନୁସାରେ ପହଞ୍ଚିପାରିବା (ଏହା ଟେପ ଓ ଭିଡ଼ିଓ କ୍ୟାସେଟରେ ସମ୍ଭବ ନୁହେଁ ।)

୮. ନିମ୍ନଲିଖିତ ବୈଶିଷ୍ଟ୍ୟ ଯୋଗୁଁ ଡିଜିଟାଲ ଭିଡ଼ିଓ ଡିସ୍କ୍ ବା ଡିଜିଟାଲ ଭାର୍ସାଟାଇଲ ଡିସ୍କ (DVD) VHS ଓ ଲେଜର ଭିଡ଼ିଓ ଡିସ୍କକୁ ଅବଦମିତ କରିଛି :-





- ରଙ୍ଗ ଗଭୀରତର ଓ ଉଜ୍ଜ୍ୱଳତର
- ଧାର ତୀକ୍ଷ୍ଣ
- ସବିଶେଷ ସୁସ୍ପଷ୍ଟତା
- ଲେଜର ଡିସ୍କ ତୁଳନାରେ ଭଲ DVD ଚିତ୍ର :
- ଷ୍ଟୁଡ଼ିଓ ପରି ଭିଡ଼ିଓ ପ୍ରତିବିମ୍ବ; ଓ
- ଥିଏଟର ପରି ଧ୍ୱନି ।

9. ଭିଡ଼ିଓ ଟେପ ରେକର୍ଡ଼ରରେ ଲୋକପ୍ରିୟ TV ପ୍ରୋଗ୍ରାମ ରେକର୍ଡ଼ କରା ଯାଇପାରେ ଯାହାକୁ ପରେ ଥରକୁ ଥର ବଜେଇ ହେବ । ପୂର୍ବରୁ ରେକର୍ଡ଼ ହୋଇଥିବା ଟେପ (ମୁଭି, କନସାର୍ଟ, ଫୋନୋଗ୍ରାଫି ଇତ୍ୟାଦି) ମଧ୍ୟ କିଣାଯାଇ ପାରେ, ମାତ୍ର ଏଗୁଡ଼ିକର ଦାମ ଅଧିକ କାରଣ ପ୍ରତ୍ୟେକଟି ପୃଥକ ଭାବେ 'ବାସ୍ତବ ସମୟ'ରେ ରେକର୍ଡ଼ କରାଯାଇଥାଏ । ପୂର୍ବରୁ ରେକର୍ଡ଼ ହୋଇଥିବା କମ୍ପାକ୍ଟ ଭିଡ଼ିଓ ଡିସ୍କ୍ ଗୁଡ଼ିକ ଏକାଠି ଅନେକଗୁଡ଼ିଏ ଉତ୍ପାଦିତ ହୋଇଥାଏ, ତେଣୁ ଟେପଠୁ ଏଗୁଡ଼ିକ ବେଶ ଶସ୍ତା ।

ଭିଡ଼ିଓ ଡିସ୍କର ଅସୁବିଧା ମଧ୍ୟ ଅଛି - ଏବେ ଉପଲବ୍ଧ ହେଉଥିବା ଡିସ୍କ - ବ୍ୟବସ୍ଥା ତଥ୍ୟ ରେକର୍ଡ଼ କରିପାରେ ନାହିଁ । କେବଳ ପୂର୍ବରୁ ରେକର୍ଡ଼ ହୋଇଥିବା ଡିସ୍କ ମିଳୁଛି ଓ ଏହାକୁ କମ୍ପାକ୍ଟ ଅଡ଼ିଓ ଡିସ୍କ ପରି ବିଶେଷଭାବେ ନିର୍ମିତ ଲେଜର କ୍ରମବୀକ୍ଷଣ ଆଲୋକୀୟ ଅଭିଗ୍ରହଣ ବ୍ୟବସ୍ଥା ଦ୍ୱାରା ପ୍ଲେ କରାଯାଇଥାଏ ।

### 33.3.7 ରେକର୍ଡ଼ ଯୋଗ୍ୟ CD (The Recordable CD)

ଆରମ୍ଭରେ କେବଳ ପୂର୍ବରୁ ରେକର୍ଡ଼ ହୋଇଥିବା ଅଡ଼ିଓ / ବା ଭିଡ଼ିଓ CD ମିଳୁଥିଲା । ଏହି ଅବସ୍ଥାରୁ ପ୍ରଯୁକ୍ତି ଏବେ ବିକଶିତ ହୋଇଛି । ଏବେ କମ୍ ଦାମରେ ଖାଲିଥିବା ରେକର୍ଡ଼ ଯୋଗ୍ୟ CD ସହଜରେ ମିଳୁଛି । ଏବେ କେବଳ CD ରେକର୍ଡ଼ର ଅଥବା CD ଲିଖନ ଥିବା କମ୍ପ୍ୟୁଟର ବ୍ୟବହାର କରି ଅଡ଼ିଓ - ଭିଡ଼ିଓ ରେକର୍ଡ଼ କରାଯାଇ ପାରୁଛି । ବର୍ତ୍ତମାନ ବହୁ ପ୍ରକାରର ରେକର୍ଡ଼ ଯୋଗ୍ୟ CD ମିଳୁଛି । ଏଗୁଡ଼ିକ ହେଲା :

**(i) ରେକର୍ଡ଼ ଯୋଗ୍ୟ CD :** (CD-R) ରେକର୍ଡିଂ ସ୍ଥାୟୀ ଭାବେ ରହିପାରେ । CD-R ପ୍ରାୟ 700MB / 80 ମିନିଟ୍‌ର ଡାଟା ସଂରକ୍ଷଣ କରିପାରେ । ଏଗୁଡ଼ିକର ବିଭିନ୍ନ ସର୍ବାଧିକ ଲିଖନ ବେଗ - 48×, 52× ଇତ୍ୟାଦି ରହିଛି । ବେଗ ଯେତେ ଅଧିକ, ସେତେ ଦ୍ରୁତ ବେଗରେ ଡାଟା CD ରେ ସଂରକ୍ଷିତ ହୁଏ । CD-R ର ପ୍ରତ୍ୟାଶିତ ଜୀବନକାଳ 20 ରୁ 100 ବର୍ଷ ହୋଇଥାଏ । ଏହା ଡିସ୍କ୍‌ର ଗୁଣବତ୍ତା, ଲିଖନ ଡ୍ରାଇଭ ଓ ସଞ୍ଚୟ ବ୍ୟବସ୍ଥା ଉପରେ ନିର୍ଭର କରେ ।

**(ii) ପୁନର୍ଲିଖନ CD :** (CD-RW) ହେଉଛି ଏକ ପୁନଃ - ରେକର୍ଡ଼ଯୋଗ୍ୟ ମାଧ୍ୟମ । ରଙ୍ଗ ପରିବର୍ତ୍ତେ ଏଠାରେ ସଙ୍କର ଧାତୁ (alloy) ବ୍ୟବହୃତ ହୁଏ । ଏ କ୍ଷେତ୍ରରେ ଲିଖନ - ଲେଜର ଉତ୍ତପ୍ତ ହୋଇ ସଙ୍କର ଧାତୁର ଧର୍ମ (ଅସ୍ଫଟିକୀୟ - ସ୍ଫଟିକୀୟ) ଓ ତେଣୁ ଏହାର ପ୍ରତିଫଳନ ଗୁଣ ମଧ୍ୟ ବଦଳାଏ । ସଙ୍କୁଚିତ (pressed) CD ବା CD-R ପରି CD-RW ର ପ୍ରତିଫଳନ ଗୁଣରେ ବେଶି ତଫାତ ନ ଥାଏ । ପୂର୍ବର CD ଅଡ଼ିଓ ପ୍ଲେୟାରଗୁଡ଼ିକ CD-RW ଡିସ୍କ୍ ପଠନ କରିପାରୁ ନ ଥିଲା, ମାତ୍ର ପରବର୍ତ୍ତୀ CD ଅଡ଼ିଓ ପ୍ଲେୟାର ଓ ଏକାକୀ (stand-alone) DVD ପ୍ଲେୟାର ଗୁଡ଼ିକ ଏହା ପାରୁଛି ।

**(iii) ଉଚ୍ଚ ବେଗ ସମ୍ପନ୍ନ ପୁନର୍ଲିଖନ CD :** ପ୍ରଯୁକ୍ତିର ସୀମାବଦ୍ଧତା ଯୋଗୁଁ, ମୂଳ CD-RW ଗୁଡ଼ିକକ 4X ଠୁ ଅଧିକ ବେଗରେ ଲିଖନ କରି ପାରୁ ନ ଥିଲା । ଉଚ୍ଚ ବେଗ ସମ୍ପନ୍ନ ପୁନର୍ଲିଖନ CD ର ପ୍ରଣାଳୀ ଅଲଗା, ଏଥିରେ 4x ରୁ 12x ଯାଏଁ ବେଗରେ ଲେଖି ହୁଏ ।



ଟିପ୍ପଣୀ

ମୂଳ CD-RW ଡ୍ରାଇଭ କେବଳ ମୂଳ CD-RW ଡିସ୍କରେ ଲେଖି ପାରୁଥିଲା ।

ଉଚ୍ଚବେଗ ସମ୍ପନ୍ନ CD-RW ଡ୍ରାଇଭ ଉଭୟ ମୂଳ ପୁନର୍ଲିଖନ CD ଡିସ୍କ ଓ ଉଚ୍ଚବେଗ ସମ୍ପନ୍ନ ପୁନର୍ଲିଖନ CD ଡିସ୍କରେ ଲେଖିପାରୁଛି । ଉଭୟ ପ୍ରକାର CD-RW ଡିସ୍କ ଅଧିକାଂଶ CD ଡ୍ରାଇଭରେ ପଢ଼ି ହୁଏ । ଏପରିକି ଆହୁରି ଅଧିକ ବେଗରେ CD-RW ଡିସ୍କ ଏବେ ମିଳୁଛି ଯାହାର ଚରମ ବେଗ ହେଉଛି (16x ରୁ 24x ଲିଖନ ବେଗ) । ଏପରକି (32x ଲିଖନ ବେଗ) ବେଗ ଯୁକ୍ତ ଡିସ୍କ ମଧ୍ୟ ମିଳିଲାଣି ।

## ପାଠଗତ ପ୍ରଶ୍ନାବଳୀ 33.3

1. DVD ଶବ୍ଦର ପୂର୍ଣ୍ଣ ରୂପ ଲେଖ ।

2. କମ୍ପାକ୍ଟ ଓ ଆଲୋକୀୟ ଡିସ୍କ (ଏନାଲୋଗ) ଅପେକ୍ଷା ଡିଜିଟାଲ ଆଲୋକୀୟ ଡିସ୍କ କାହିଁକି ଅଧିକ ବାଞ୍ଛନୀୟ ?

3. DVD ବ୍ୟବସ୍ଥାର ସୁବିଧାଗୁଡ଼ିକ ଲେଖ ।

4. DVD ସହିତ କମ୍ପାକ୍ଟ ଅଡ଼ିଓ ଡିସ୍କର ବିଶେଷତ୍ୱ ଗୁଡ଼ିକ ତୁଳନା କର ।

## ତୁମେ କ'ଣ ଶିଖିଲ

- କମ୍ପାକ୍ଟ ଡିସ୍କର ବ୍ୟାସ କେବଳ 12cm (4.7 ଇଞ୍ଚ) ଏହାର ଧ୍ୱନି ଉଚ୍ଚକୋଟୀର ଓ ଏଥିରେ କୌଣସି ଅଲୋଡ଼ା ଶବ୍ଦ ହୁଏ ନାହିଁ ।
- କମ୍ପାକ୍ଟ ଡିସ୍କ ବ୍ୟବହାର କରିବାରେ କୌଣସି ସମସ୍ୟା ହୁଏ ନାହିଁ କାରଣ ଏଥିରେ ମଳି, ତେଲଚିକିଟା ବା ଆମ୍ପୁଡ଼ାର ପ୍ରଭାବ ନ ଥାଏ ।
- କମ୍ପାକ୍ଟ ଡିସ୍କ -ରେକର୍ଡ଼ ଖରାପ ହୁଏ ନାହିଁ, ଏହା ବିଶ୍ୱାସନୀୟ ଓ ଏହାର ଧ୍ୱନି, ଗୁଣ ଷ୍ଟେରିଓର ନିକଟବର୍ତ୍ତୀ ।
- ଆଲୋକ ପ୍ରତିଫଳକ ପ୍ଲାଷ୍ଟିକରେ କମ୍ପାକ୍ଟ ଡିସ୍କ ଗୀତକୁ ଡିଜିଟାଲ ରୂପରେ କୋଡ଼ିତ କରେ ।
- ଏନାଲୋଗ ରେକର୍ଡ଼ ଓ କ୍ୟାସେଟ ଟେପରେ ଗୀତକୁ ଖରାପ କରୁଥିବା ବିଭିନ୍ନ ଶବ୍ଦ (hisses, pops, hums)କୁ ଅଡ଼ିଓ କମ୍ପାକ୍ଟ ଡିସ୍କ ଦୂରେଇ ଦେଇଛି ।
- DVD ବା ଡିଜିଟାଲ ଭାର୍ସାଟାଇଲ ଡିସ୍କ ଏନାଲୋଗ VHS ଟେପ ରେକର୍ଡ଼ିଂରେ ଥିବା ପତନ, ବିକୃତି ସବୁକୁ ବିତାଡ଼ିତ କରିଛି ।
- DVD ଘରକୁ ଷ୍ଟୁଡ଼ିଓ ପରି ଭିଡ଼ିଓ ପ୍ରତିବିମ୍ବ ଓ ଥିଏଟର ପରି ଧ୍ୱନି ଆଣିଛି ।
- ରଙ୍ଗ ଗଭୀରତର ଓ ଉଜ୍ଜ୍ୱଳତର ଧାର ତୀକ୍ଷ୍ଣ, ସବିଶେଷ ତଥ୍ୟ ଉତ୍ତମ ମାନର । ଆଲୋକୀୟ ଲେଜର ଡିସ୍କ ଅପେକ୍ଷା DVD ଚିତ୍ର ଅନେକ ଭଲ ।
- DVD ରେ ଉତ୍ତମ ଚିତ୍ର ସହିତ ଧ୍ୱନି ମଧ୍ୟ ଉଚ୍ଚକୋଟୀର ।

## ପାଠାନ୍ତ ପ୍ରଶ୍ନାବଳୀ

1. କମ୍ପାକ୍ଟ ଡିସ୍କ ଓ କମ୍ପ୍ୟୁଟର କାର୍ଯ୍ୟରେ ବ୍ୟବହୃତ ଡିସ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

2. କମ୍ପାକ୍ଟ ଡିସ୍କର ପ୍ରୟୋଜନୀୟତା କ'ଣ ?

3. ପାରମ୍ପରିକ ଅଡ଼ିଓ ରେକର୍ଡ଼ିଂ / ପ୍ଲେବ୍ୟାକ ଉପକରଣଠୁ କମ୍ପାକ୍ଟ ଡିସ୍କର ସୁବିଧା କ'ଣ ?





4. କମ୍ପାକ୍ଟ ଡିସ୍କର ଗଠନ, ନିର୍ମାଣ ପଦ୍ଧତି ଓ କାର୍ଯ୍ୟ ପ୍ରଣାଳୀ ଲେଖ ।

5. CD ପ୍ଲେୟାର ଓ ପ୍ରଚଳିତ LP ରେକର୍ଡ଼ ପ୍ଲେୟାର ବା ଫୋନୋଗ୍ରାଫ ମଧ୍ୟରେ ପ୍ରଭେଦ କ'ଣ ?

6. ବିଦ୍ୟୁତ-ଚୁମ୍ବକୀୟ ବର୍ଣ୍ଣାଳୀରେ ଅଡ଼ିଓ (ଶ୍ରାବ୍ୟ) ଆବୃତ୍ତିକୁ କାହିଁକି ସୂଚିତ କରାଯାଏ ନାହିଁ ?

7. ପାରମ୍ପରିକ LP ଧ୍ୱନି ରେକର୍ଡ଼ିଂ ବ୍ୟବହାର ତ୍ରୁଟିଗୁଡ଼ିକ କ'ଣ ? କମ୍ପାକ୍ଟ ଡିସ୍କ ରେକର୍ଡ଼ିଂ ବ୍ୟବସ୍ଥାରେ ଏସବୁର ପ୍ରତିକାର କିପରି କରାଯାଏ ?

8. କମ୍ପାକ୍ଟ ଡିସ୍କ ଓ ଲଙ୍ଗପ୍ଲେ (LP) ରେକର୍ଡ଼ ଫୋନୋଗ୍ରାଫର ବିଶେଷତ୍ୱଗୁଡ଼ିକ ତୁଳନା କର ।

9. VHS, VTR, DVD, CD ଏ ଶବ୍ଦଗୁଡ଼ିକର ପୂର୍ଣ୍ଣ ରୂପ ଲେଖ ।

10. କେଉଁ ଗୁଣ ପାଇଁ ତୁମେ CD ଓ DVD କୁ ଚୟନ କର ?

11. କମ୍ପାକ୍ଟ ଡିସ୍କ କିପରି ନିର୍ମିତ ହୁଏ ?

12. ବିଟ (bit)ର ସଂଜ୍ଞା ଦିଅ । ଅଡ଼ିଓକୁ କେତେ ବିଟରେ ଡିସ୍କରେ କୋଡ଼ିତ (encoded) କରାଯାଏ ?

13. .CD ପ୍ଲେୟାରରେ ବ୍ୟବହୃତ ଲେଜରର ତରଙ୍ଗ ଦୈର୍ଘ୍ୟ କେତେ ?

14. LP ରେକର୍ଡ଼ କେଉଁଠୁ ଆରମ୍ଭ ହୁଏ ଓ କେଉଁଠାରେ ଶେଷ ହୁଏ ?

15. କମ୍ପାକ୍ଟ ଡିସ୍କର ଆରମ୍ଭ ଓ ଶେଷ କେଉଁଠି ?

16. ଶ୍ରବଣୀୟ ଆବୃତ୍ତିର ପରିସର କ'ଣ ?

17. କେଉଁ ଫର୍ମାଟରେ LP ରେକର୍ଡ଼ ଓ କମ୍ପାକ୍ଟ ଡିସ୍କରେ ଅଡ଼ିଓ ରେକର୍ଡ଼ କରାଯାଏ ?

18. ଦୁଇ ପ୍ରକାର ଭିଡ଼ିଓ ଡିସ୍କର ନାମ ଲେଖ ।

19. ଭିଡ଼ିଓ ଡିସ୍କରେ ଏନାଲୋଗ ତୁଳନାରେ ଡିଜିଟାଲ ରେକର୍ଡ଼ିଂକୁ କାହିଁକି ପସନ୍ଦ କରାଯାଏ ?

20. ସର୍ବଶେଷ ନୂଆ ଭିଡ଼ିଓ ଡିସ୍କ ପ୍ଲେୟାର (DVD) ରେ କେଉଁ ଓ କେତେ ତରଙ୍ଗ ଦୈର୍ଘ୍ୟର ଲେଜର ବ୍ୟବହାର କରାଯାଏ ?

21. ଏବର CD-ROM ଡିସ୍କରେ କେତେ ପରିମାଣ ତଥ୍ୟ ସଂରକ୍ଷିତ ହୋଇ ପାରୁଛି ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**33.1**

1. (1) ରେଡ଼ିଓ / ଟ୍ରାଞ୍ଜିଷ୍ଟର (2) ଟେପରେକର୍ଡ଼ାର / ପ୍ଲେୟାର (3) ଫୋନୋଗ୍ରାଫ / LP ରେକର୍ଡ଼ ପ୍ଲେୟାର

2. କମ୍ପାକ୍ଟ ଡିସ୍କ ଉଚ୍ଚକୋଟୀର ଧ୍ୱନି ଘଣ୍ଟାଧିକ କାଳ ପର୍ଯ୍ୟନ୍ତ ଅପ୍ରତିହତ ଭାବେ ଯୋଗାଏ । ପାରମ୍ପରିକ ରେକର୍ଡ଼ ଓ କ୍ୟାସେଟ ଟେପରେ ଗୀତକୁ ଖରାପ କରୁଥିବା ବିଭିନ୍ନ ପ୍ରକାର ଶବ୍ଦ (hisses, pops,hums)କୁ ଏହା ବିତାଡ଼ିତ କରେ । CD ପ୍ଲେୟାରରେ Wow ଶବ୍ଦ ଓ ଆଲୋଡ଼ନ ପ୍ରାୟ ନ ଥାଏ ।

3. କମ୍ପାକ୍ଟ ଡିସ୍କରେ ନିଜ ଇଚ୍ଛାନୁସାରେ ଅଡ଼ିଓ ଟେପ ପରି ଲିଭେଇ ହୁଏ ନାହିଁ ବା ରେକର୍ଡ଼ କରି ହୁଏ ନାହିଁ । ତୁମେ କେବଳ ପୂର୍ବ ରେକର୍ଡ଼ ହୋଇଥିବା CD କୁ ବଜାଇ ପାର । ଦ୍ୱିତୀୟତଃ ଏହା ଅଡ଼ିଓ କ୍ୟାସେଟ ଅପେକ୍ଷା ଅନେକ ଦାମୀ । ଅନେକ LP ରେ ଥିବା ପୁରୁଣା ସଙ୍ଗୀତ CD ଫର୍ମାଟରେ କେବେ ବି ମିଳି ନ ପାରେ ।

ଟିପ୍ପଣୀ

**33.2**

1. ଏନାଲୋଗ ର ଅର୍ଥ ହେଲା ବୈଦ୍ୟୁତିକ ରୂପରେ ଧ୍ୱନି ତରଙ୍ଗର ବିଦ୍ୟୁତ ପ୍ରବାହ / ବିଭବର ନିରବଚ୍ଛିନ୍ନ ପରିବର୍ତ୍ତନ । ଡିଜିଟାଲର ଅର୍ଥ ହେଲା - ବିଚ୍ଛିନ୍ନ ଦ୍ୱୟୀ ଅଙ୍କ (0 ଓ 1) ର ସମନ୍ୱୟରେ ତଥ୍ୟର ପ୍ରକାଶ ।

2. ଟେଲିଫୋନ୍, ମାନବ -ସ୍ୱର, କାନ, ସ୍ପିକର ସବୁ ଏନାଲୋଗ ଉପକରଣ । ଡିଜିଟାଲ ଉପକରଣ ହେଲା - କମ୍ପ୍ୟୁଟର, ଡିଜିଟାଲ ଅଡ଼ିଓ ଟେପ (DAT), ଡିଜିଟାଲ କ୍ୟାମେରା ଇତ୍ୟାଦି ।

3. CD ରେ ତଥ୍ୟ ଡିଜିଟାଲ ଫର୍ମାଟରେ ସଞ୍ଚିତ ଥାଏ ।

4. ସଂନାଦୀ ଓ ଆନ୍ତଃ-ମୂର୍ଚ୍ଛନା ବିକୃତି ନ ଥାଏ । ଆଲୋଡ଼ନ ଓ wow ଶବ୍ଦ ନ ଥାଏ ଫ hisses, pops, hums ଶବ୍ଦ ନଥାଏ ।

5. 200 rpm ରୁ 500 rpm । ଆରମ୍ଭରେ 500 rpm ରୁ ଶେଷକୁ 200 rpm ।

6. 44,100 ନମୁନା / (ଚ୍ୟାନେଲ × ସେକେଣ୍ଡ) × ବାଇଟ୍ସ / ନମୁନା × 2 ଚ୍ୟାନେଲେ × 74 ମିନିଟ × 60 ସେକେଣ୍ଡ / ମିନିଟ = 783,216,000 ବାଇଟ୍ସ = 783 MB

**33.3**

1. DVD ର ପୂରା ରୂପ ହେଲା Digital Video Disc ବା Digital Versatile Disc .

2. (a) ଅଧିକ ଡାଟା ସଞ୍ଚୟ ପାଇଁ ଅଧିକ ସ୍ଥାନ

(b) ଏକାଠି ଉଭୟ ଚଳଚ୍ଚିତ୍ର + ଧ୍ୱନି ରେକର୍ଡ଼ କରାଯାଇପାରେ ।

(c) କମ୍ପାକ୍ଟ ଡିସ୍କରେ ଦୃଶ୍ୟ, ଟେକ୍ସ୍ଟ ଓ ଶ୍ରାବ୍ୟ ତଥ୍ୟ ସଞ୍ଚୟ କରାଯାଇପାରେ ।

(d) ଡିଜିଟାଲ କୋଡ଼ିତ ତଥ୍ୟରେ କମ୍ ସଂନାଦୀ ଓ ଆୟଃ ମୂର୍ଚ୍ଛନା ବିକୃତି ଥାଏ ।

3. ସୁବିଧାଗୁଡ଼ିକ ହେଲା -

(i) ଟେପ୍ କାଟ୍ରିଜ ଅପେକ୍ଷା ସହଜରେ ବ୍ୟବହାର ଓ ସଞ୍ଚୟ କରିହୁଏ ।

(ii) ଏହା ଚିତ୍ର ଓ ଗୀତ ଉଭୟ ପ୍ଲେ କରି ପାରେ ।

(iii) ଅତିବିଶ୍ୱସ୍ତ ଧ୍ୱନି ଓ ସଠିକ ଷ୍ଟେରିଓ ବ୍ୟବସ୍ଥା ।

(iv) ଅଧିକ ତଥ୍ୟ ସଞ୍ଚୟ ପାଇଁ ଯଥେଷ୍ଟ ସ୍ଥାନ ।

(v) ରଙ୍ଗ ଗଭୀରତର ଓ ଉଜ୍ଜ୍ୱଳତର ।

(vi) ଧାର ତୀକ୍ଷ୍ଣ

(vii) ସବିଶେଷ ତଥ୍ୟ ଉତ୍ତମମାନର (Details Crisper)

(viii) ଷ୍ଟୁଡ଼ିଓ ପରି ଭିଡ଼ିଓ ପ୍ରତିବିମ୍ବ ଓ ଥିଏଟର ପର ଧ୍ୱନି ।

| 4. **କମ୍ପାକ୍ଟ ଅଡ଼ିଓ ଡିସ୍କ** | **DVD** |
|---|---|
| (i) 4.75inch (12 cm) ଆକାର | (i) 12 inch (30cm) |
| (ii) ଅଡ଼ିଓ ରଖେ | (ii) ଅଡ଼ିଓ ଓ ଭିଡ଼ିଓ ରଖେ |
| (iii) ତଥ୍ୟ ସଞ୍ଚୟର କ୍ଷମତା କମ୍ | (iii) ତଥ୍ୟ ସଞ୍ଚୟ ଓ ଡିଜିଟାଲ ଡାଟା ବ୍ୟବହାର କ୍ଷମତା ଅଧିକ |
| (iv) ଗୋଟିଏ ପାର୍ଶ୍ୱରେ ରେକର୍ଡ଼ିଂ | (iv) ଉଭୟ ପାର୍ଶ୍ୱରେ ରେକର୍ଡ଼ିଂ |